ବର୍ଷ-୨୫, ସଂଖ୍ୟା-୩୦୮
ଭୁବନେଶ୍ୱର
୨୦, ନଭେମ୍ବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 308
Bhubaneswar
20, November, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

### ମାଓ ଦମନରେ ଆଉ ଏକ ସଫଳତା

## ଆନ୍ଧ୍ର-ଓଡ଼ିଶା ଇନଚାର୍ଜ ସହ ୭ ନକ୍ସଲ ମୃତ

ନୂଆଦିଲ୍ଲୀ,୧୯।୧୧(ମହାଭାରତ): ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ମାଡ଼ି ଚାଲିଥିବା ସୁରକ୍ଷାକର୍ମୀଙ୍କ ଗୁଳିରେ ଆଜି ଆଉ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ଆନ୍ଧ୍ର ପ୍ରଦେଶ-ଓଡ଼ିଶା ଇନଚାର୍ଜ ତଥା ଦୁର୍ଦ୍ଦଶ ଶଙ୍କର। ଆନ୍ଧ୍ରପ୍ରଦେଶର ମାରେଡୁମିଲ୍ଲିରେ ଆଜି ସକାଳେ ହୋଇଥିବା ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କୁ ଏଭଳି ସଫଳତା ମିଳିଛି ସେହିପରି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ ମଧ୍ୟ କରାଯାଇଛି ।



ପୁଲିସ୍ କହିଛି ଯେ ମୃତ ୭ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ସେହିପରି ଜଣେ ନିହତ ମାଓବାଦୀ ହେଲା ମେତୁରି ଜୋଖା ରାଓ ଓରଫ ଶଙ୍କର ।ତା ଘର ଶ୍ରୀକାକୁଲମ ଅଞ୍ଚଳରେ ସେ ମାଓବାଦୀ ସଂଗଠନରେ ଆନ୍ଧ୍ର-ଓଡ଼ିଶା ସୀମା(ଏଓବି) ଇନଚାର୍ଜ ଭାବେ କାମ କରୁଥିଲା ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରଶସ୍ତ୍ର ତିଆରି ଓ ଯୋଗାଯୋଗ ଭଳି କ୍ଷେତ୍ରରେ ଶଙ୍କରର ବେଶ ଆଧିପତ୍ୟ ରହିଥିଲା ସେ ଦୀର୍ଘ ୨୦ ବର୍ଷ ହେଲା ନକ୍ସଲ ସଂଗଠନ ସହ ଜଡ଼ିତ ରହିବା ସହ ଏକାଧିକ ହମଲାରେ ସାମିଥିଲା ବୋଲି ଆନ୍ଧ୍ର ଗୁଇନ୍ଦା ଏଡିଜି ମହେଶ ଚନ୍ଦ୍ର ଲାଧା ସୂଚନା ଦେଇଛନ୍ତି ବାକି ମୃତକଙ୍କ ପରିଚୟ ଖୋଜା ଚାଲିଥିବା ସେ କହିଛନ୍ତି ।

ଅନ୍ୟପକ୍ଷରେ ୫୦ ଜଣ ସିପିଆଇ(ମାଓବାଦୀ) ଅପରେଟିଭ୍ସଙ୍କୁ କ୍ରିଷ୍ଣା, ଇଲୁରୁ, ଏନଟିଆର ବିଜୟାଡା, କାକିନାଡା ଓ ଡ. ବିଆର ଆମ୍ବେଦକର କୋନାସୀମା ଜିଲ୍ଲାରୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରେ ୩ ଜଣ ସ୍ପେଶାଲ ଜୋନାଲ କମିଟି ସଦସ୍ୟ, ୨୩ ପ୍ଲାଟୁନ ସଦସ୍ୟ, ୫ ଡିଭିଜନାଲ କମିଟି ସଦସ୍ୟ ଓ ୧୯ ଜଣ ଏରିୟା କମିଟି ସଦସ୍ୟ ରହିଛନ୍ତି ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ମାଓବାଦୀ ନେତା, ଲଜିଷ୍ଟିକ ଏକ୍ସପର୍ଟ, କମ୍ୟୁନିକେସନ ଅପରେଟିଭ୍ସ, ଆର୍ମଡ ପ୍ଲାଟୁନ ମେମ୍ବର, ପାର୍ଟି ମେମ୍ବର ଓ ନିହତ ମାଓବାଦୀ ହିଡମାର ଯୋଗାଯୋଗରେ ଥିବା ଅନେକ ସଦସ୍ୟ ରହିଥିବା ଆନ୍ଧ୍ର ପ୍ରଦେଶ ପୁଲିସ୍ କହିଛି ।

୭ ମାଓବାଦୀ ନିହତ ହେବା ଓ ୫୦ ଜଣ ଗିରଫ ହେବା ସଂଗଠନର ଦକ୍ଷିଣ ବସ୍ତର ଓ ଦଣ୍ଡକାରଣ୍ୟ ନେଟର୍କ ପାଇଁ ଶକ୍ତ ଝଟକା ସଦୃଶ ହୋଇଛି ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜୁ ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ହିଡାମ ସମେତ ତା ପତ୍ନୀ ରାଜେ ଓ କିଛି ଘନିଷ୍ଠ ସହଯୋଗୀଙ୍କୁ ମିଶାଇ ୬ ଜଣ ନିହତ ହୋଇଥିଲେ । ହିଡମା ମୁଣ୍ଡରେ ପ୍ରାୟ ୧ କୋଟି ଟଙ୍କାର ପୁରସ୍କାର ରହିଥିଲା ତାକୁ ଧରିବା ପାଇଁ ଏକାଧିକ ରାଜ୍ୟର ପୁଲିସ୍ ଉଦ୍ୟମ କରୁଥିଲେ ନଭେମ୍ବର ୩୦ ପୂର୍ବରୁ ହିଡମାକୁ ଧରିବାକୁ ଟାର୍ଗେଟ ସେଟ କରାଯାଇଥିଲା କିନ୍ତୁ ଏହା ପୂର୍ବରୁ ହିଡମାର ଖେଳ ଶେଷ କରି ଦେଇଛନ୍ତି ସୁରକ୍ଷାକର୍ମୀ ।

## ଆଜି ଶପଥ ନେବେ ନୀତିଶ

ପାଟନା୧୯।୧୧(ମହାଭାରତ) : ବିହାରର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ନୀତୀଶ କୁମାର । ସେ ବୁଧବାର ରାଜଭବନ ଯାଇ ରାଜ୍ୟପାଳ ଆରିଫ ମହମ୍ମଦ ଖାଁଙ୍କୁ ଭେଟିବା ସହ ଇସ୍ତଫା ଦେଇଛନ୍ତି । ସେ ଆସନ୍ତା କାଲି ଅର୍ଥାତ ବୁଧବାର ଦିନ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।



ଏହା ପୂର୍ବରୁ ଆଜି ପାଟନାଠାରେ ଜେଡିୟୁ ବିଧାୟକ ଦଳ ଓ ବିଜେପି ବିଧାୟକ ଦଳର ବୈଠକ ବସିଥିଲା। ଜେଡିୟୁ ପକ୍ଷରୁ ନୀତୀଶଙ୍କୁ ନେତା ନିର୍ବାଚିତ କରାଯାଇଥିବାବେଳେ ବିଜେପି ପକ୍ଷରୁ ସମ୍ରାଟ ଚୌଧୁରୀଙ୍କୁ ନେତା ନିର୍ବାଚିତ କରାଯାଇଥିଲା। ଏହା ପରେ ଏନଡିଏ ବିଧାୟକ ଦଳ ବୈଠକ ବସିଥିଲା। ଯେଉଁଥିରେ ନୀତୀଶଙ୍କୁ ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ କରାଯାଇଥିଲା।

ରାଜଭବନରେ ରାଜ୍ୟପାଳଙ୍କ ସହ ସାକ୍ଷାତ ସମୟରେ ନୀତିଶ କୁମାର ତାଙ୍କ ଇସ୍ତଫାପତ୍ର ସହିତ ସ୍ପଷ୍ଟ କରିଥିଲେ ଯେ ତାଙ୍କୁ ସର୍ବସମ୍ମତିକ୍ରମେ ଏନଡିଏର ନେତା ଭାବରେ ନିର୍ବାଚିତ କରାଯାଇଛି ଏବଂ ମେଣ୍ଟ ତାଙ୍କୁ ନୂତନ ସରକାରର ନେତୃତ୍ୱ ନେବା ପାଇଁ କ୍ଷମତା ଦେଇଛି । ରାଜଭବନ ସୂତ୍ର ଅନୁସାରେ, ରାଜ୍ୟପାଳ ଶ୍ରୀ ଖାଁ ନୀତୀଶ କୁମାରଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ଏବଂ ତାଙ୍କୁ କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଭାବରେ ରହିବାକୁ ଆନୁଷ୍ଠାନିକ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ନୂତନ ସରକାର ଗଠନ ନହେବା ପର୍ଯ୍ୟନ୍ତ ପ୍ରଶାସନିକ କାର୍ଯ୍ୟ ଯେପରି ପ୍ରଭାବିତ ନହେବ ତାହା ନିଶ୍ଚିତ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି ଏହା ସହିତ, ରାଜ୍ୟପାଳ ଏନଡିଏକୁ ଏହାର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବା ଏବଂ ସରକାର ଗଠନର ପରବର୍ତ୍ତୀ ପ୍ରକ୍ରିୟା ସମାପ୍ତ କରିବାର ପ୍ରକ୍ରିୟା ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସାଲିଆ ସାହିରେ ଉଚ୍ଛେଦ ଜାରି

ଭୁବନେଶ୍ୱର,୧୯।୧୧ : ସଲିଆ ସାହିରେ ଉଚ୍ଛେଦ ପ୍ରସଙ୍ଗରେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ସର୍ଭେ ସମ୍ପୂର୍ଣ୍ଣ ଭାବେ ଠିକ୍ ଅଛି। ବାରମ୍ବାର ସର୍ଭେ ହୋଇଛି । ଘର ଭାଙ୍ଗିବା ପାଇଁ ପୂର୍ବରୁ ନୋଟିସ ବି ହୋଇଛି । କିଛି ନ୍ୟସ୍ତ ସ୍ୱାର୍ଥ ଲୋକ ମୁଣ୍ଡ ପୂରାଉଛନ୍ତି । ଲୋକଙ୍କୁ ଟ୍ରାଞ୍ଜିଷ୍ଟ ହୋମରେ ରଖାଯାଉନି। ଘର ଦିଆଯାଉଛି । କ୍ଷତିପୂରଣ ଯାହା ସହାୟତା ଦରକାର ସେ ବାବଦରେ ସରକାର ସଜାଗ ଅଛନ୍ତି । ଜୋର ଜବରଦସ୍ତ ଭଙ୍ଗା ଯାଉନି । ଲୋକଙ୍କ ସ୍ୱାର୍ଥରେ ସେ ଜାଗାକୁ ଖାଲି କରାଯାଉଛି । ମାସେ ଭିତରେ କାମ ଆରମ୍ଭ ହେବ। ୬ ମାସ ହେବ ପ୍ରକ୍ରିୟା ଚାଲିଥିଲା । ସେଥିରେ ସମ୍ମତି ଦେବା ପରେ ଭଙ୍ଗା ଯାଉଛି । କିଛି ଲୋକ ଜାଣିକି ଗଣ୍ଡଗୋଳ କରିବାକୁ ଯାଉଛନ୍ତି । କିନ୍ତୁ ଆମ ନିବେଦନ ସହଯୋଗ କରନ୍ତୁ । ସରକାର ଘର ବଦଳରେ ଘର ଦେଉଛନ୍ତି, ଜମି ଦେବାକୁ ନିୟମ ନାହିଁ ।

ଆଜି ଦ୍ୱିତୀୟ ଦିନରେ ସାଲିଆ ସାହିରେ ଜାରି ରହିଛି ଉଛେଦ। ବିଏମ୍ସି, ବିଡିଏ ସମେତ କମିଶନରେଟ ପୋଲିସର ମିଳିତ ସ୍କ୍ୱାର୍ଡ ଉଛେଦ ଜାରି ରଖିଛନ୍ତି। ସେପଟେ ଗତକାଲି କିଛି ସାଲିଆ ସାହି ବାସିନ୍ଦା ନିଜ ଘର ଭଙ୍ଗା ଯିବା ପରେ ଖୋଲା ଆକାଶ ତଳେ ଜରିପାଲ ଟାଣି ନିଜର ଆସବାବପତ୍ର ରଖି ରାତି କାଟିଛନ୍ତି। ବିଏମସି ପକ୍ଷରୁ ଯୋଗାଇ ଦିଆ ଯାଇଥିବା ଘରେ ଦୁଇ ଜଣରୁ ଅଧିକା ରହିବା ସମ୍ଭବ ନୁହେଁ ବୋଲି କହିଛନ୍ତି । ପ୍ରତି ଘର ପିଛା ଅର୍ଥ ରାଶି ସେମାନେ ଦେଇ ପାରିବେ ନାହିଁ ବୋଲି କହିଛନ୍ତି ।ସାଲିଆ ସାହି ଉଚ୍ଛେଦକୁ ନେଇ ବର୍ଷିଛନ୍ତି ସାଲିଆ ସାହି ବାସିନ୍ଦା । ସେମାନେ ଅଭିଯୋଗ ଆଣିଛନ୍ତି ଯେ, କିରାସିନି ଢାଳି ହୋଇ ବିଏମସି ନାଁ ଦେବୁ । ଘର ସର୍ଭେ ଠିକରେ ହେଇନି । ଯାହାର ଘର ଅଛି ତାକୁ ଘର ଦେଇଛନ୍ତି । କାଲି କହିଲେ ଭାଙ୍ଗିବେନି ଆଜି କହୁଛନ୍ତି ଭାଙ୍ଗିବ । ବିଏମସି ଠିକରେ ସର୍ଭେ କରି ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି ।

## ୨୦୩୦ ସୁଦ୍ଧା ହେବ ଆରଏସ୍‌ପିର ସଂପ୍ରସାରଣ

ଭୁବନେଶ୍ୱର,୧୯।୧୧(ମହାଭାରତ): କେନ୍ଦ୍ର ଭାରି ଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ।
ଆଲୋଚନାରୁ ଜଣାଯାଇଥିଲା ଯେ, ରାଉରକେଲା ଷ୍ଟିଲ୍ ପ୍ଲାଂଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ, ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଏ ସମ୍ପର୍କରେ ସମାଧାନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ, ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତିରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଥିଲେ। ବୈଠକର ନିଷ୍ପତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଲୋକଙ୍କ ସହିତ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ କରାଯିବ। ଷ୍ଟିଲ୍ ପ୍ଲାଂଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।



ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ୍ ପୋଣ୍ଡ୍ରିକ୍, ସେଲ୍ ର ଚେୟାରମ୍ୟାନ ଅମରେନ୍ଦୁ ପ୍ରକାଶ ଏବଂ ସେଲ୍ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆରଏସପିର ସମ୍ପ୍ରସାରଣ ଏବଂ ଇସ୍ପାତ କ୍ଷେତ୍ରର ବ୍ୟାପକ ବିକାଶକୁ ସୁଗମ କରିବା ଲାଗି ମୁଖ୍ୟମନ୍ତ୍ରୀ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ କ୍ଷମତା ହାସଲ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ସାକାର କରିବାରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

ଏହି ବୈଠକ ଓଡ଼ିଶାରେ ଶିଳ୍ପ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ମଧ୍ୟରେ ବର୍ଦ୍ଧିତ ସମନ୍ୱୟକୁ ପ୍ରତିଫଳିତ କରିଥାଏ। ଯାହା ଭାରତରେ ଇସ୍ପାତ ଏବଂ ଖଣି ଉତ୍ପାଦନରେ ପ୍ରମୁଖ ଯୋଗଦାନ ଦେଇଥାଏ ନିରନ୍ତର ସହଯୋଗ ଲାଗି ପ୍ରତିବଦ୍ଧତାକୁ ଦୋହରାଇ ସେ କହିଛନ୍ତି, ସମନ୍ୱିତ ପ୍ରୟାସ ଉତ୍ପାଦନ କ୍ଷମତା ବୃଦ୍ଧି, ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଜାତୀୟ ଆର୍ଥିକ ଲକ୍ଷ୍ୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ର ଭାବରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବା ଏବଂ ୩୦୦ ମେଟ୍ରିକ ଟନ୍ ଇସ୍ପାତ କ୍ଷମତା ମାଇଲଖୁଣ୍ଟ ଆଡ଼କୁ ଦେଶର ଅଗ୍ରଗତିକୁ ଆଗକୁ ବଢ଼ାଇବା ଦିଗରେ ଏହି ଆଲୋଚନା ଆଉ ଏକ ପଦକ୍ଷେପ।

## ଏସ୍‌ପିଙ୍କୁ ମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୧(ମହାଭାରତ)): ଆପଣମାନେ କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ଅପରାଧ କ୍ଷେତ୍ରରେ ପ୍ରକୃତ ଦୋଷୀକୁ ଖୋଜି ବାହାର କରନ୍ତୁ ଓ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ ଅବସରରେ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି କାମ କରିବା ଉଚିତ ବିକାଶ ଓ ସୁରକ୍ଷା ଯେପରି ଏକାଠି ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆରକ୍ଷୀ ଅଧୀକ୍ଷକମାନଙ୍କୁ ୮ଟି ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ସେଗୁଡ଼ିକ ହେଲା- ଦଣ୍ଡବିଧାନ ହାରକୁ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ବା ରଣନୀତି ପ୍ରସ୍ତୁତ କରିବା ଏବଂ ଆବଶ୍ୟକ ସ୍ଥଳେ ତଦନ୍ତ ଓ ପ୍ରୋସିକ୍ୟୁସନ୍ ୱିଙ୍ଗ ସ୍ଥାପନ କରିବାକୁ ବିଚାର କରିବା, ଥାନାକୁ ଆସୁଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରି ପଞ୍ଜୀକୃତ କରିବା। ନଚେତ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆରକ୍ଷୀ ଅଧୀକ୍ଷକମାନଙ୍କ ଦ୍ୱାରା ନିୟମିତ ଥାନା ଗସ୍ତ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗୋଟିଏ ଟିମ୍ ଭାବରେ କାମ କରିବା, ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରେନ୍ସ ଏବଂ ନିଜେ ସଚ୍ଚୋଟ ରହିବା ସହିତ ଅନ୍ୟ ଅଧିକାରୀମାନଙ୍କୁ ପ୍ରେରଣା ଦେବା, କୌଣସି ନିରୀହ ଜନସାଧାରଣଙ୍କୁ ଅଯଥାରେ ହଇରାଣ ନ କରିବା, ଥାନସ୍ତରୀୟ ଅଧିକାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧୀନିୟମ ବିଷୟରେ ପ୍ରଶିକ୍ଷଣ ପ୍ରଦାନ ଏବଂ ଅପରାଧୀଙ୍କ ଜ୍ଞାନ କୌଶଳ ଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ ସବୁ ପୋଲିସ ଅଧିକାରୀମାନେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଓଡ଼ିଶା ପୋଲିସର କାର୍ଯ୍ୟଶୈଳୀରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଅପରାଧ ନିୟନ୍ତ୍ରଣକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ଆମ ସରକାର ଆସିବା ପରଠାରୁ ରାଜ୍ୟ ପୋଲିସର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ବଳରେ ସମସ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଅପରାଧ ଗୁଡ଼ିକ ସ୍ୱଳ୍ପ ସମୟ ମଧ୍ୟରେ ସମାଧାନ କରି ଓଡ଼ିଶା ପୋଲିସ



ରାଜ୍ୟ ପାଇଁ ସୁନାମ ଆଣିଛି ପୋଲିସ ବ୍ୟବସ୍ଥାର ସୁଦୃଢ଼ୀକରଣ, ଆଧୁନିକୀକରଣ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଥାନାକୁ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକ ଯେଭଳି ବନ୍ଧୁପୂର୍ଣ୍ଣ ବ୍ୟବହାର ପାଇବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ସେବା ସହିତ ସୁରକ୍ଷା ଓ ସାହାଯ୍ୟ ଓଡ଼ିଶା ପୋଲିସର ମୁଖ୍ୟକାର୍ଯ୍ୟ ହେବା ଆବଶ୍ୟକ। ସେ ପୁଣି କହିଥିଲେ ଯେ, ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଏବଂ ପୁଞ୍ଜୀନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଶାନ୍ତି ଓ ସୁଶାସନର ପରିବେଶ ଅତ୍ୟନ୍ତ ଆବଶ୍ୟକ ଛୋଟ ଛୋଟ ସମସ୍ୟା ଯୋଗୁଁ ଯେପରି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବ, ସେଥିପ୍ରତି ଉଭୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ।

ଏଥି ସହିତ ମୁଖ୍ୟମନ୍ତ୍ରୀ ୨୦୨୬ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ କରିବା, ବେଆଇନ ନିଶା କାରବାର, ଜମି ମାଫିଆ ଏବଂ ଅର୍ଥନୈତିକ ଅପରାଧୀଙ୍କ କାରବାରକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା, ଦୁର୍ଘଟଣାପ୍ରବଣ ସ୍ଥାନମାନଙ୍କରେ ନଜର ରଖି ନିୟମିତ ଚେକିଙ୍ଗ୍ ଓ ପାଟ୍ରୋଲିଙ୍ଗ କରିବା, ଦ୍ରୁତ ଗତି ଗାଡ଼ି ଚାଳନା ଓ ମଦ୍ୟପାନ କରି ଗାଡ଼ିଚାଳନା ଉପରେ ଫୋକସ କରିବା ଏବଂ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କୋଷ୍ଟାଲ ସିକ୍ୟୁରିଟି, କୋଷ୍ଟ ଗାର୍ଡ ଏବଂ ନୌବାହିନୀ ସହିତ ଉପଯୁକ୍ତ ସମନ୍ୱୟ ରଖି କାମ କରିବା ପାଇଁ ପରାମର୍ଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା କହିଥିଲେ ଯେ, ନୂଆ। ସରକାର ଦାୟିତ୍ୱ ନେବା ପରେ ରାଜ୍ୟ ପୋଲିସରେ ବ୍ୟାପକ ଆଧୁନିକୀକରଣ କରାଯାଇଛି ପୋଲିସ ପ୍ରଶାସନରେ ମାନବସମ୍ବଳ ବୃଦ୍ଧି, ଆବଶ୍ୟକ ଉପକରଣ ଓ ସଂସ୍ଥାଗତ ସୁଦୃଢ଼ୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି, ଯାହା 'ଲରେ ରାଜ୍ୟରେ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ପୋଲିସ ସ'ଳତାର ସହ କାମ କରୁଛି ।

ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥଲେ ଯେ, ଓଡ଼ିଶା ପୋଲିସକୁ ସୁଦୃଢ଼ କରିବା ପାଇଁ ଗୃହବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଯାହା ବି ପ୍ରସ୍ତାବ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ତାକୁ ତୁରନ୍ତ ମଞ୍ଜୁର କରୁଛନ୍ତି ।ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଓ ସରକାରଙ୍କ ଆଖି ଓ କାନ ତେଣୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ସବୁବେଳେ ରହିବା ଦରକାର ।

ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। ନିଜ ସ୍ୱାଗତ ଭାଷଣରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ, ଅପରାଧ ନିୟନ୍ତ୍ରଣ ଓ ତଥ୍ୟ-ପ୍ରଯୁକ୍ତି ଆଧାରିତ ନିରୀକ୍ଷଣ ପ୍ରଣାଳୀର ବିସ୍ତାର ସମ୍ପର୍କରେ ଆଲୋକପାତ କରିଥିଲେ ସମସ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ ସମ୍ମିଳିତ ପ୍ରୟାସ, ତଥ୍ୟ ଆଦାନ-ପ୍ରଦାନ ଓ ଗ୍ରାଉଣ୍ଡ-ଲେଭେଲ ମନିଟରିଂ ଆଗାମୀ ଦିନରେ ଆଇନ-ଶୃଙ୍ଖଳାକୁ ଅଧିକ ସୁନିଶ୍ଚିତ କରିବ।

## ଡିସେମ୍ବର ୨୫ରୁ ଖୋଲିବ ଧାନ ମଣ୍ଡି

ଭୁବନେଶ୍ୱର, ୧୯।୧୧: ଡିସେମ୍ବର ୨୫ରୁ ଖୋଲିବ ଧାନ ମଣ୍ଡି । ସରକାର ଧାନ ନେବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ମିଲର ମାନଙ୍କୁ ଗୋଦାମ ଖାଲି କରିବା ପାଇଁ ଦାୟିତ୍ୱ ଦିଆଯାଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଧାନ ଚାଷ ହେଇଛି । ଯେଉଁମାନେ ପଞ୍ଜିକରଣ କରିଛନ୍ତି ସମସ୍ତଙ୍କ ଠାରୁ ଧାନ କିଣା ହେବ । ପ୍ରଥମ ଫେଜରେ ୩୮ଟି ମଡେଲ ମଣ୍ଡି କରିବା ପାଇଁ ଓବିସିସିକୁ ଟେଣ୍ଡର ଦିଆଯାଇଛି । ଏଥିପାଇଁ ୩୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଦ୍ୱିତୀୟ ଫେଜରେ ୬୨ ଟି ଏବଂ ୨ ବର୍ଷ ଭିତରେ ସରକାରରେ ୧୦୦ଟି ମଡେଲ ମଣ୍ଡି ପାଇଁ ଲକ୍ଷ୍ୟ ରଖାଯାଇଛି । ସେପଟେ ନିଗମ ବୋର୍ଡ ନେଇ ଚୂଡାନ୍ତ ହୋଇସାରିଛି ଠିଠା । ଦିଲ୍ଲୀରେ ନିଷ୍ପତି ପରେ ଖୁବଶୀଘ୍ର ଘୋଷଣା ହେବ ବୋଲି ସମବାୟ ମନ୍ତ୍ରୀ କହିଛନ୍ତି ।

## ଅନମୋଲର ପ୍ରତ୍ୟର୍ପଣ

ନୂଆଦିଲ୍ଲୀ,୧୯।୧୧: ଭାରତକୁ ବଡ଼ ସଫଳତା। ଏକାଧିକ ହାଇପ୍ରୋଫାଇଲ ମାମଲାର ମୋଷ୍ଟୱାଣ୍ଟେଡ ଅନମୋଲ ବିଷ୍ଣୋଇକୁ ଆମେରିକା ପକ୍ଷରୁ ଭାରତକୁ ହସ୍ତାନ୍ତର କରାଯାଇଛି। ଅନମୋଲ ହେଉଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ସାନ ଭାଇ ଆଜି ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ହେବା ପରେ ଭାରତୀୟ ଅଧିକାରୀମାନେ ଅନମୋଲକୁ ଧରି ସ୍ୱଦେଶ ଫେରୁଛନ୍ତି।

## ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୯।୧୧(ମହାଭାରତ): ଆମ ରାଜ୍ୟରେ କୃଷକଙ୍କ ସଶକ୍ତିକରଣ ଓ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଚାହେଁ ଯେ କୃଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁବିଧା ସୁଯୋଗ ରାଜ୍ୟର ସମସ୍ତ ଯୋଗ୍ୟ ଚାଷୀ ନିଶ୍ଚିତରୂପେ ପାଆନ୍ତୁ। କେହି ଜଣେ ବି ଯେପରି ଏଥିରୁ ବଞ୍ଚିତ ନହୁଅନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୧ ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର କୃଷି ଭବନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ତାମିଲନାଡୁର କୋଏମ୍ବାଟୁରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୧ତମ କିସ୍ତିରେ ଦେଶର ୯ କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର କୋଟିରୁ ଉର୍ଦ୍ଧ୍ୱଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଂଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, କୃଷକ ମାନଙ୍କୁ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ ଆଦି କିଣିବା ପାଇଁ କେନ୍ଦ୍ର ସରକାର ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଆଜି ୨୧ତମ କିସ୍ତିରେ ଆମ ରାଜ୍ୟର ୩୪.୧୨ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ କିସ୍ତି ବାବଦକୁ ୨ ହଜାର ଟଙ୍କା ଲେଖାଏଁ ପାଇବେ। ଏହି ସହାୟତା ପ୍ରଦାନ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରାଯାଉଛି ଏବଂ ଏଥିରେ କ୍ଷୁଦ୍ର, ମଧ୍ୟମ, ବୃହତ ଓ ସହରାଞ୍ଚଳର ଭୂମିଧାରୀ ଚାଷୀମାନେ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଯୁଗାନ୍ତକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଦେଶର ଚାଷୀ, ଗରିବ, ମହିଳା ସମସ୍ତେ ଉପକୃତ ହେଉଛନ୍ତି। ସେ ପୁଣି କହିଥିଲେ ପିଏମ୍ କିଷାନ ସହିତ ଆମ ରାଜ୍ୟରେ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ସିଏମ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୩୨୩୬ ଜଣ ପିଭିଟିଜି ଚାଷୀ ଏବଂ ୩୧,୬୯୫ ଜଣ ସହରାଞ୍ଚଳ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସିଏମ କିଷାନ ଯୋଜନା ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତି ପ୍ରଦାନ କରାଯାଉଛି। ଏହି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୩,୯୨୩ ଛାତ୍ରଛାତ୍ରୀଙ୍କୁ ୫୩ କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତି ପ୍ରଦାନ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ।

ପିଏମ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମରେ ଓଡିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକ ମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାର ଚାଷୀ ସୁବାଶ ଚନ୍ଦ୍ର ଦାସ, ବାଲିପଟଣାର ରୂପଶ୍ରୀ ସ୍ୱାଇଁ ଏବଂ ଜଟଣୀ କୁସୁମାଟିର କାର୍ତ୍ତିକ ପରିଡା ପିଏମ୍ କିଷାନ ଯୋଜନାର ସମସ୍ତ କିସ୍ତିର ସୁବିନିଯୋଗ କରି ଚାଷ କାର୍ଯ୍ୟରେ ସଫଳତା ପାଇଛନ୍ତି ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥାହୋଇ ଫସଲ ବିବିଧିକରଣ ଜରିଆରେ ଧାନ ସହିତ ତେଲ ଜାତୀୟ ଫସଲ, ପନିପରିବା, ଫଳ ଚାଷ ଇତ୍ୟାଦି ଅର୍ଥକାରୀ ଫସଲ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କୃଷକଙ୍କ ସଶକ୍ତିକରଣ ଓ ଉତ୍ପାଦନ ବୃଦ୍ଧିପାଇଁ ଆମ ସରକାର ସମସ୍ତ ସହଯୋଗ ଯୋଗାଇଦେବେ।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ, ପିଏମ କିଷାନ ଓ ସିଏମ୍ କିଷାନ ଯୋଜନାରେ ଆମ ରାଜ୍ୟର ଚାଷୀ ଭାଇ ଭଉଣୀ ମାନେ ବାର୍ଷିକ ୧୦ ହଜାର ଟଙ୍କା ପାଉଛନ୍ତି। ଏହି ରାଶିକୁ ସଠିକ୍ ଭାବେ ଉପଯୋଗ କଲେ କୃଷି କାର୍ଯ୍ୟରେ ସଫଳତା ମିଳି ଅଭାବ ଦୂର ହେବ। କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। କେନ୍ଦ୍ର କୃଷି ମନ୍ତ୍ରୀ ମଧ୍ୟ ଓଡିଶା ସରକାରଙ୍କର କୃଷକ କଲ୍ୟାଣ କାର୍ଯ୍ୟକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ କହିଛନ୍ତି।ଓୟୁଏଟିର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ ରାଉଳ କହିଥିଲେ ଯେ, କୃଷି ପାଇଁ ତିନୋଟି ସମ୍ବଳ ଆବଶ୍ୟକ। ଜମି, ଶ୍ରମ ଓ ପୁଞ୍ଜି। କୃଷକଙ୍କ ପାଖରେ ସବୁବେଳେ ଜମି ଓ ଶ୍ରମଥାଏ କିନ୍ତୁ ପୁଞ୍ଜି ନଥାଏ। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଏମ୍ କିଷାନର ସହାୟତା ରାଶି ଚାଷୀ ମାନଙ୍କୁ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରୁଛି।

## ମାଣ୍ଡିଆ ରସାବଳି

ଆବଶ୍ୟକ ସାମଗ୍ରୀ: ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

ପ୍ରସ୍ତୁତି ପ୍ରଣାଳୀ: ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ । ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।



..... ପରଦା ଖବର ......

## ସାମ୍ନାକୁ ଆସିଲା ଜୁନିୟର କୌଶଲଙ୍କ ଏଆଇ ଫଟୋ

ଭିକି କୌଶଲ ଏବଂ କ୍ୟାଟ୍ରିନା କେଫ୍ ୭ ନଭେମ୍ବରରେ ପୁତ୍ର ସନ୍ତାନକୁ ଜନ୍ମ ଦେଇ ପିତା-ମାତା ହୋଇଛନ୍ତି । ଏକ ପୋଷ୍ଟ ମାଧ୍ୟମରେ ସେମାନେ ଖୁସି ଖବରକୁ ସେୟାର କରିଥିଲେ । କ୍ୟାଟ୍ରିନା ହସ୍ପିଟାଲରୁ ଡିସଚାର୍ଜ ହୋଇ ଘରକୁ ଫେରି ଆସିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ଅଭିନେତ୍ରୀ ପୁଅର ଝଲକ ପ୍ରଶଂସକମାନଙ୍କ ସହ ସେୟାର କରିନଥିଲେ । କିନ୍ତୁ ଏବେ ସୋସିଆଲ ମିଡିଆରେ ଜୁନିୟର କେଶଲ ବହୁତ ସୃଷ୍ଟି ଚର୍ଚ୍ଚା କରୁଛି । ସୋସିଆଲ ମିଡିଆରେ ଭାଇରଲ ହେଉଥିବା ଏହି ପୋଷ୍ଟ






ଏଆଇ ର ଫଟୋ ବୋଲି ଜଣାପଡିଛି । ତଥାପି ଏହି ପୋଷ୍ଟ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରଲ ହେଉଛି ।ଏହି ଏଆଇର ଭାଇରଲ ହେଉଥିବା ପୋଷ୍ଟରେ ଶିଶୁପୁତ୍ରକୁ କ୍ୟାଟ୍ରିନା କୈଫ୍ ତାଙ୍କ କୋଲରେ ଧରିଥିବା ନଜର ଆସିଛନ୍ତି । ଏଥିସହିତ ଗୋଟିଏ ଫଟୋରେ କ୍ୟାଟ୍ରିନା, ଭିକି ଏବଂ ଜେଜେମା ସହିତ ଶିଶୁଟି ମଧ୍ୟ ନଜର ଆସିଛି । ଇଓ ଫୋଷ୍ଟ ହେବା ସତ୍ତ୍ୱେ ଲୋକ ଏହାକୁ ଖୁବ୍ ପସନ୍ଦ କରିଛନ୍ତି । ଆପଣଙ୍କୁ ଜଣାଇ ରଖୁଛୁ ଯେ, ଭିକି କିମ୍ବା କ୍ୟାଟ୍ରିନା ଏପର୍ଯ୍ୟନ୍ତ ଶିଶୁ ସହି କୌଣସି ଫଟୋ ସୋସିଆଲ ମିଡିଆରେ ସେୟାର କରିନାହାଁନ୍ତି । କିନ୍ତୁ ସେପ୍ଟେମ୍ବର ମାସରେ ତାଙ୍କର ଏକ ସୁନ୍ଦର ଫଟୋ ସହିତ ପ୍ରେଗ୍ନେନ୍ସି ସମ୍ପର୍କରେ ମଧ୍ୟ ଘୋଷଣା କରିଥିଲେ । ଯେଉଁଥିରେ ଭିକି କ୍ୟାଟ୍ରିନାଙ୍କ ବେବି ବମ୍ପ ଧରିଥିବାର ଦେଖିବାକୁ ମିଳିଥିଲା ।

## ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଖାଆନ୍ତୁ ସଜନା ଶାଗ

ମୋବାଇଲ କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ଆଖି ଜନିତ ସମସ୍ୟା ଦେଖାଦେଇଥାଏ । ମୋବାଇଲ ଓ କମ୍ପ୍ୟୁଟରରୁ ବାହାରୁଥିବା ଆଲୋକ ଦୃଷ୍ଟି ଶକ୍ତିକୁ କମ୍ କରିଥାଏ । ହେଲେ କିଛି ଘରୋଇ ଉପଚାର ଦ୍ୱାରା ଆଖିର ଦୃଷ୍ଟିଶକ୍ତି ବଢିପାରିବ । ଆସନ୍ତୁ ଜାଣିବା ଏହି ଘରୋଇ ଉପଚାର ବିଷୟରେ

ସଜନା ଶାଗ: ବାଡି ବଗିଚାରେ ମିଳୁଥିବା ସଜନା ଶାଗ ଶରୀର ପାଇଁ ବେଶ ଉପକାରୀ । ଆଖିର ଦୃଷ୍ଟିଶକ୍ତି ବଢାଇବା ପାଇଁ ବେଶ ସହାୟକ ହୋଇଥାଏ ସଜନା ଶାଗ । ଶାଗରେ ପ୍ରଚୁର ପରିମାଣରେର ଆଇରନ ଥିବାରୁ ଆଖି ପାଇଁ ଏହା ଉପକାରୀ ।

ଗାଜର: ଗାଜରରେ ଭିଟାମିନ-ଏ ଥାଏ । ଏଣୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ବା ଜୁସ୍ ପିଇବା ଦ୍ୱାରା ଦୃଷ୍ଟିଶକ୍ତି ବଢେ ।

ଦେଶୀ ଘିଅ : ଆଖି ପାଇଁ ଦେଶୀ ଘିଅ ଖୁବ ଉପଯୋଗୀ । କାନ ପଟିରେ ଦେଶୀ ଘିଅ ହାଲକା ଭାବେ ପ୍ରତିଦିନ ୫-୧୦ ମିନିଟ ମସାଜ କଲେ ଆଖିର ଦୃଷ୍ଟିଶକ୍ତି ବଢିଥାଏ ।

ବାଦାମ: ପ୍ରତିଦିନ ରାତିରେ ୬-୭ଟି ବାଦାମ ପାଣିରେ ଭିଜାଇ ରଖନ୍ତୁ । ଏହାକୁ ସକାଳେ ଚୋପା ଛଡେଇ ଖାଇଲେ ଆଖି ପାଇଁ ଭଲ ।

ଜିରା : ଜିରା ଓ ମିଶ୍ରୀକୁ ସମାନ ମାତ୍ରାରେ ଗୁଣ୍ଡ କରି ପ୍ରତିଦିନ ଏକ ଚାମଚ ଘିଅ ସହ ଖାଇଲେ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

ସୋରିଷ ତେଲ : ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତଳି ପାଦରେ ସୋରିଷ ତେଲ ମାଲିସ କଲେ ଭଲ । ଏହା ମଧ୍ୟ ଆଖିର ଦୃଷ୍ଟି ଶକ୍ତି ବଢାଇବାରେ ସାହାଯ୍ୟ କରିବ ।

ଗ୍ରୀନଟି: ଦିନକୁ ୨ରୁ୩ କପ ଗ୍ରୀନ ଟି ପିଅନ୍ତୁ, ଆଖିକୁ ସୁସ୍ଥ ରଖନ୍ତୁ ।

## ଝାଡୁ ସହ ଜଡିତ ନିୟମ : ପାଳନ କଲେ ହେବ ଧନବର୍ଷା

ଝାଡୁର ବ୍ୟବହାର ପ୍ରତ୍ୟେକ ଘରେ କରାଯାଏ । ଘରକୁ ସଫାସୁତୁରା କରିବା ପାଇଁ ବ୍ୟବହାର କରାଯାଉଥିବା ଝାଡୁରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି ବୋଲି ମାନ୍ୟତା ରହିଛି । ତେଣୁ ଶାସ୍ତ୍ରରେ ଝାଡୁକୁ ନେଇ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି । ଝାଡୁ ସହ ଜଡିତ କିଛି ନିୟମ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ । ଏହି ନିୟମର ପାଳନ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇ ଧନଲାଭ ହୋଇଥାଏ ।

ଝାଡୁ କିଣିବା ପୂର୍ବରୁ କିମ୍ବା ଫୋପାଡିବା ପୂର୍ବରୁ ବାରର ଗୁରୁତ୍ୱ ରହିଛି । ଝାଡୁ ସହ ଜଡିତ ନିୟମର ପାଳନ କରିବା ଦ୍ୱାରା ଧନପ୍ରାପ୍ତି ହୋଇଥାଏ ବୋଲି



କୁହାଯାଏ । ଜାଣନ୍ତୁ.. ପୁରୁଣା ଝାଡୁକୁ କଦାପି ଗୁରୁବାର କିମ୍ବା ଶୁକ୍ରବାର ଏହାକୁ ଫିଙ୍ଗିବା ଉଚିତ ନୁହେଁ । ଏହି ଦିନ ମା'ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ସମର୍ପିତ । ଏହିଦିନ ଝାଡୁକୁ ବାହାରେ ଫିଙ୍ଗିବା ଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି । ଝାଡୁରେ କଦାପି ଗୋଡ ମାରନ୍ତୁ ନାହ ।ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଝାଡୁ କିଣିବା ପାଇଁ ମଙ୍ଗଳବାର ଓ ଶନିବାର ଦିନ ଖୁବ ଶୁଭୟ ଏହାଦ୍ୱାରା ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ ଶୁଭ ପରିବର୍ତ୍ତନ ହୋଇଥାଏୟ ଘରେ ସମ୍ପନତା ଆସିଥାଏ । ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ । କୃଷପକ୍ଷରେ ଝାଡୁ କିଣିବା ଶୁଭଙ୍କର ବୋଲି କୁହାଯାଏ ।

ଝାଡୁକୁ ସର୍ବଦା ଏପରି ସ୍ଥାନରେ ରଖନ୍ତୁ,ଯେପରି ଏହା ଉପରେ କାହାରି ନଜର ପଡିବ ନାହିଁ । ଝାଡୁକୁ ଭୁଲରେ ମଧ୍ୟ ଖଟ ତଳେ ରଖନ୍ତୁ ନାହ । ସୂର୍ଯ୍ୟୋସ୍ତ ପରେ ଘରେ କଦାପି ଝାଡୁ କରନ୍ତୁ ନାହିଁ । ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି ।

## କଟକର ଅଧୀଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ.............



କଟକର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ । ତାଙ୍କୁ ନେଇ କଟକ ସହର ପରିଚିତ । ଏହି ସହରର ଶେଖ ବଜାରରେ ରହିଛି ମା'ଙ୍କର ଏହି ମନ୍ଦିର । ମା'ଙ୍କ ମନ୍ଦିର ର୍ନିମାଣ ପଛର କିମ୍ବଦନ୍ତୀ ଓ ମା' କିପରି ଅର୍ବିଭାବ ହୋଇଥିଲେ ଏହାକୁ ନେଇ ବିଭିନ୍ନ କାହାଣୀ ଶୁଣିବାକୁ ମିଳେ ।କିଏ କୁହନ୍ତି ମରହଟ୍ଟା ଶାସନ କାଳରେ ମା' ବାରବାଟୀ ଦୁର୍ଗ ମଧ୍ୟରେ ପୂଜା ପାଉଥିଲେ । ଶୋଡୋଶ ଶତାବ୍ଦୀରେ କଳାପାହାଡର ଆକ୍ରମଣ ବେଳେ ମା' ନିଜ ସ୍ଥାନରୁ ହଟି ଦୁର୍ଗର ଦକ୍ଷିଣ ପାଶ୍ୱରେ ରହିଥିଲେ । କିଛି ସ୍ଥାନୀୟ ଲୋକ କୁହନ୍ତି ବହୁ ବର୍ଷ ପୂର୍ବେ ବାରବାଟୀ ଦୁର୍ଗର ଜଙ୍ଗଲ ଅଞ୍ଚଳକୁ ଗାଈ ଚରାଇବାକୁ ଯାଉଥିଲେ ଶେଖ ବଜାର ଅଞ୍ଚଳର ଗଉଡ଼ ପୁଅ ମାନେ । ଦିନେ ଜଣେ ଗଉଡ଼ ଦୁର୍ଗ ଉପରେ ବସିଥିବା ବେଳେ ତାଙ୍କ ଶରୀରରେ ଏକ ଅପୂର୍ବ ଶୀହରଣ ଖେଳି ଯାଇଥିଲା । ସେଦିନ ରାତିରେ ଗଉଡ଼ ପୁଅକୁ ମା' ସ୍ୱପ୍ନରେ କହିଥିଲେ ସେହି ଦୁର୍ଗର ପଥର ତଳେ ମା' ରହିଛନ୍ତି । ସେ ଭକ୍ତ ଜଣକ ମନ୍ଦିର ପୂଜକକୁ ଜଣାଇଥିଲେ ଓ ପୂଜକ ଜଣକ ରାଜାଙ୍କୁ ଜଣାଇ ଥିଲେ । ସେତେବେଳର କନିକା ରାଜା ସେହି ଦୁର୍ଗରସ୍ଥାନ ଖୋଳାଇବାରୁ ମା' ଙ୍କ ମୂର୍ତ୍ତି ବାହାରିଥିଲା । ସେଠୁ ମା' ଗଉଡ଼ ମାନଙ୍କ ମୁଣ୍ଡରେ ବସି ଆସିଥିଲେ । ଆସୁଥିବା ସମୟରେ ମା'ଏବେକାର ଚଣ୍ଡୀ ଛକ ନିକଟରେ ଅଟକି ଯାଇଥିଲେ । ସେଠାରୁ ମା' ଙ୍କୁ ନେବାକୁ ଆଉ ସମ୍ଭବପର ହୋଇପାରିନଥିଲା ।ତେଣୁ ସେହି ଛକ ନିକଟରେ ଥିବା ବଉଳ ଗଛ ମୂଳରେ ମା'ଙ୍କ ମୂର୍ତ୍ତି ସ୍ଥାପନ ହେଲା ।ସେହିକାଳରୁ ମା' ଏହି ସ୍ଥାନରେ ପୂଜା ପାଇ ଆସୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମା' ଙ୍କୁ ଦୁର୍ଗରୁ ଖୋଳାଯାଇ ବାହାର କରିବା ପୁର୍ବରୁ ସେହି ସ୍ଥାନରୁ ପ୍ରାୟ ୪୨ ବସ୍ତା ନାଲି ସିନ୍ଦୁର ବାହାରିଥିଲା । ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଦୁର୍ଗାପୂଜା ସମୟରେ ମା' ଙ୍କ ଷୋହଳ ଦିନାତ୍ମକ ପୂଜା ଓ ଶୋଡ଼ଶ ବେଶ ଏହି ମନ୍ଦିରର ଏକ ବିଶେଷତା ଅଟେ ।

## ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର, ଭକ୍ତର ସବୁ ମାନସିକ ପୂରଣ କରନ୍ତି ବାବା


ଋଷିକୁଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ । ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି । ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଭର୍ଗଗୃହରେ



ଶୋଭାପାଉଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷିକୁଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ । ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ । ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ଋଷିକୁଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ ୟପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆର୍ବିଭିତ ହୋଇଥିଲେ । ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହା ମିଳନ ହୋଇଥିଲା ।କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା । ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଶ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ।ଅବଧୂତ ଗୁମ୍ପିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା ।ପରେ ଜନବସତି ଗଢି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢି ଚାଲିଲା । ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି । ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମନ୍ଦିର ପରିସର ଅତି ସୁନ୍ଦର ।ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚଳୟ, ରୋଷେଇ ଗୃହ ପ୍ରଭୃତି ରହିଛି ।ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ । ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ । ଏହି ଶୈବ ପୀଠର ମହାତ୍ମ୍ୟ ଅପାର ୟ ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ । ବାବାଙ୍କ ମହିମା ଯୋଗୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ । ପ୍ରତେକ ମୁହୂର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର । ଯାହାର ଅନେକ ଉଦାହରଣ ରହିଛି । ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି । ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ ।









# ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜନ୍ମ ବାର୍ଷିକୀ

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନୀ, ସେବା ଓ ମୂଲ୍ୟବୋଧ ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ସୋମବାର ଦିନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୨ତମ ଜନ୍ମ ବାର୍ଷିକୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିବା ସହିତ ସ୍ୱର୍ଗତ ବକ୍ସିପାତ୍ରଙ୍କ ଜୀବନୀ, ମୂଲ୍ୟବୋଧ, ସାହସ, ନମ୍ରତା ଏବଂ ଜନସେବାରେ ଅଟଳ ସମର୍ପଣରୁ ପ୍ରେରଣା ନେବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ସାହସର ସହିତ ସତ୍ୟ କହିବା, ଆଶା ନକରି ସେବା କରିବା ଏବଂ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ କାମ କରିବା ହେବ ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବକ୍ସିପାତ୍ରଙ୍କୁ ଓଡ଼ିଶାର ଜଣେ ସାହାସୀ,ଉତ୍ସାହୀ, ନୀତିବାଦୀ ଏବଂ ଲୋକକେନ୍ଦ୍ରିକ ନେତା ଭାବରେ ବର୍ଣ୍ଣନା କରି ତାଙ୍କର ଜୀବନ ଗଣତନ୍ତ୍ରକୁ ସୁଦୃଢ଼ କରିବା, ଅଧିକାର ରକ୍ଷା କରିବା ଏବଂ ଦୁର୍ବଳ ଲୋକଙ୍କର ଉତଥାନ କରାଇବା ପାଇଁ ଉତ୍ସର୍ଗୀକୃତ ଥିଲା ବୋଲି ରାଜ୍ୟପାଳ କହିଥିଲେ। ବକ୍ସିପାତ୍ରଙ୍କ ରାଜନୈତିକ ଯାତ୍ରା ଉପରେ ଆଲୋକପାତ କରି ରାଜ୍ୟପାଳ



ଉଲ୍ଲେଖ କରିଥିଲେ ଯେ ତାଙ୍କ ନେତୃତ୍ୱ ପଦ ପଦବୀ ଦ୍ୱାରା ନୁହେଁ ବରଂ ମୂଲ୍ୟବୋଧ ଏବଂ କାର୍ଯ୍ୟ ଦ୍ୱାରା ପରିଭାଷିତ ହୋଇଥିଲା। ସରକାରରେ, ବିରୋଧୀ ଦଳରେ କିମ୍ବା ଲୋକଙ୍କ ମଧ୍ୟରେ ବକ୍ସିପାତ୍ର ନିରନ୍ତର ଭାବରେ ରହୁଥିଲେ। ଚାଷୀ, ଶ୍ରମିକ ଏବଂ ଅବହେଳିତ ସମ୍ପ୍ରଦାୟ ଯାହାଙ୍କ ସ୍ୱର ପ୍ରାୟତଃ ଶୁଣାଯାଏ ନାହିଁ ତାଙ୍କ ପାଖରେ ଛିଡା ହେଉଥିଲେ। ବକ୍ସିପାତ୍ରଙ୍କ କାର୍ଯ୍ୟକଳାପ ଯଥା – ଭାଷାଗତ ଗର୍ବ, ସାମାଜିକ ନ୍ୟାୟ ଏବଂ ଆଞ୍ଚଳିକ ପରିଚୟ ପାଇଁ ଆନ୍ଦୋଳନରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ ଯାହା ରାଜନୈତିକ ଚେତନାର ଏକ ନୂତନ ଯୁଗକୁ ପ୍ରଜ୍ୱଳିତ କରିବାରେ ସାହାଯ୍ୟ କରିଥିଲା ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ସ୍ୱର୍ଗତ ବକ୍ସିପାତ୍ର ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ନୈତିକ ସଙ୍କଟ ସମୟରେ ନୀରବତା କେବେ ଗ୍ରହଣୀୟ ନୁହେଁ। ଜରୁରୀକାଳୀନ ସମୟକୁ ମନେ ପକାଇ ରାଜ୍ୟପାଳ କହିଥିଲେ ଯେ, ବକ୍ସିପାତ୍ର ଗଣତାନ୍ତ୍ରିକ ନୀତି ସହିତ ସାଲିସ କରିବା ଅପେକ୍ଷା ଜେଲଦଣ୍ଡକୁ ବାଛିଥିଲେ। ରାଜ୍ୟପାଳ ନିଜର ଅଙ୍ଗେନିଭା କଥା ସ୍ମରଣ କରାଇ କହିଥିଲେ ଯେ ଜେପି ଆନ୍ଦୋଳନର ପରବର୍ତ୍ତୀ ସମୟରେ ସେ ନିଜେ ଛଅ ମାସ ପାଇଁ ଜେଲଦଣ୍ଡ ଭୋଗିଥିଲେ। ଆହ୍ୱାନପୁର୍ଣ୍ଣ ସମୟରେ ଗଣତାନ୍ତ୍ରିକ ଅଧିକାର ସୁରକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।ସାମ୍ବାଦିକତାରେ ବକ୍ସିପାତ୍ରଙ୍କ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।ଗଣତାନ୍ତ୍ରିକ ବିତର୍କ ଏବଂ ସଚେତନଶୀଳ ନାଗରିକତାକୁ ପ୍ରୋତ୍ସାହିତ କରୁଥିବା ଓଡ଼ିଆ ପାକ୍ଷିକ ଲୋକାନୀତିର ପ୍ରତିଷ୍ଠାତା-ସମ୍ପାଦକ ଭାବରେ ତାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।ସେ ଓଡ଼ିଶାର ଭାଷାଗତ ଏବଂ ସାଂସ୍କୃତିକ ପରିଚୟ ପ୍ରତି ବକ୍ସିପାତ୍ରଙ୍କ ଉତ୍ସର୍ଗକୁ ପ୍ରଶଂସା କରି କହିଥିଲେ ଯେ ବିକାଶ ସର୍ବଦା ଐତିହ୍ୟ ସଂରକ୍ଷଣ ସହିତ ଆଗକୁ ବଢ଼ିବା ଉଚିତ।ନିଜ ଉଦବୋଧନ ଶେଷ କରି ରାଜ୍ୟପାଳ କହିଥିଲେ ଯେ ବକ୍ସିପାତ୍ରଙ୍କ ଜୀବନର ଆତ୍ମାକୁ ଗୋଟିଏ ବାର୍ତ୍ତାରେ ସଂକ୍ଷେପ କରାଯାଇପାରେ: 'ପଦ ପଦବୀ ଆସିପାରେ ଏବଂ ଯାଇପାରେ, କିନ୍ତୁ ଲୋକଙ୍କ ପ୍ରତି ପ୍ରତିବଦ୍ଧତା ସ୍ଥିର ରହିବା ଉଚିତ।' ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଏବଂ ସ୍ମୃତି କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ସମାବେଶକୁ ସମ୍ବୋଧିତ କରିଥିଲେ।

# ଓଡ଼ିଶା ପରବ ଉଦଯାପିତ

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ନଭେମ୍ବର ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ତିନି ଦିନିଆ ଓଡ଼ିଶା ପରବ ୨୦୨୫ ବେଙ୍ଗାଲୁରୁର ଦି ଲଲୀତ ଅଶୋକରେ ଶେଷ ହୋଇଛି । ଏଥିରେ ହଜାର ହଜାର ବେଙ୍ଗାଲୁରୁ ବାସିନ୍ଦା, ଓଡ଼ିଆ ସମ୍ପ୍ରଦାୟର ସଦସ୍ୟ, ଯାତ୍ରୀ, କାରିଗର ଏବଂ ସଂସ୍କୃତି ପ୍ରେମୀ ଯୋଗ ଦେଇଥିଲେ। ଏହି ମହୋତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ,କଳା, ବିବିଧ ଖାଦ୍ୟ, ଉତ୍କୃଷ୍ଟ ହସ୍ତଶିଳ୍ପ ଏବଂ ନିମଜ୍ଜିତ ପର୍ଯ୍ୟଟନ ଅଭିଜ୍ଞତା ପ୍ରଦର୍ଶିତ ହୋଇଥିଲା ଯାହା ପ୍ରଦର୍ଶନୀରେ ପରିଦର୍ଶକମାନଙ୍କଠାରୁ ଅପୂର୍ବ ପ୍ରଶଂସା ପାଇଥିଲା। ପର୍ଯ୍ୟଟନ ବିଭାଗ ଦ୍ୱାରା ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ବିଭାଗ; ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ; ଆଦିବାସୀ ବିକାଶ ସମବାୟ ନିଗମ ଅଫ୍ ଓଡ଼ିଶା ଲିମିଟେଡ୍; ମିଶନ ଶକ୍ତି; ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ସହିତ ମିଳିତ ଭାବରେ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ଏବଂ ପରମ୍ପରାକୁ ପ୍ରଦର୍ଶିତ କରିଥିଲା। ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତ ପ୍ରଦର୍ଶନଠାରୁ ଆରମ୍ଭ କରି ଲାଇଭ୍ କ୍ରାଫ୍ଟ ପ୍ରଦର୍ଶନ ଏବଂ କ୍ୟୁରେଟେଡ୍ ରୋଷେଇ କାଉଣ୍ଟର ପର୍ଯ୍ୟନ୍ତ, ଓଡ଼ିଶା ପରବର ପ୍ରତ୍ୟେକ ବିଭାଗରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଦର୍ଶକମାନେ ଓଡ଼ିଶାର ଅନନ୍ୟ ସାଂସ୍କୃତିକ ପରିଚୟ ସହିତ ବିଶେଷ ଭାବରେ ଜଡିତ ହୋଇଥିଲେ । ଆଦିବାସୀ କଳା ଏବଂ ଶାସ୍ତ୍ରୀୟ ପରମ୍ପରାଠାରୁ ଆରମ୍ଭ କରି ସମସାମୟିକ ସୃଜନଶୀଳ ଅଭିବ୍ୟକ୍ତି ପର୍ଯ୍ୟନ୍ତ ସବୁକିଛି ଭରି ରହିଥିଲା । ଏହି କାର୍ଯ୍ୟକ୍ରମ ପରିବାର, ପର୍ଯ୍ୟଟନ ଜନତା, ଛାତ୍ର, ପର୍ଯ୍ୟଟକ ଏବଂ କଳା ପ୍ରେମୀଙ୍କ ପାଇଁ ଏକ ଜୀବନ୍ତ ସାକ୍ଷାତ ସ୍ଥଳ ହୋଇଯାଇଥିଲା, ଯାହା ଓଡ଼ିଶା ଏବଂ କର୍ଣ୍ଣାଟକ ମଧ୍ୟରେ ଏକ ଗଭୀର ଭାବପ୍ରବଣ ସମ୍ପର୍କ ସ୍ଥାପନ କରିଥିଲା।

# ଅକ୍ଷୟ ସାହିତ୍ୟ ଓ ସଂଗୀତ ସମ୍ମାନ ପ୍ରଦାନ



**ଭୁବନେଶ୍ୱର,୧୯।୧୧ (ମହାଭାରତ):** ପ୍ରଖ୍ୟାତ୍ ସଙ୍ଗୀତଜ୍ଞ ଓ ସାହିତ୍ୟିକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସଂଗୀତ ଓ ସାହିତ୍ୟ ପ୍ରତିଭାର କ୍ଷୟ ନାହିଁ। ତାଙ୍କର ଯାଦୁକାରୀ କଣ୍ଠସ୍ୱର ଓ ସଂଗୀତର ସଂଯୋଜନା ପିଢୀ ପରେ ପିଢୀଙ୍କୁ ମନୋରଂଜନର ଖୋରାକ ଯୋଗାଇଦେଇ ଚାଲିଥିଲେ ହେଁ ଓଡ଼ିଆ ଜାତି ସେହି ପ୍ରତିଭାର ସଠିକ୍ ମୂଲ୍ୟାୟନ ଏଯାବତ୍ କରିନାହିଁ । ଗୋଟିଏ ଦୁଇଟି ସଂଗୀତ ଗାୟନ କରିଥିବା କଳାକାରମାନେ ଜାତୀୟ ଓ ଆର୍ନ୍ତଜାତୟ ସ୍ତରରେ ସମ୍ମାନିତ ହେଉଥିବା ବେଳେ ଅକ୍ଷୟଙ୍କ ଭଳି ଜଣେ କାଳଜୟୀ ସ୍ରଷ୍ଟାଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ଆମେ ଅବହେଳା ପ୍ରଦର୍ଶନ କରିଛୁ। ବାସ୍ତବ ଘଟଣାବଳୀକୁ ନେଇ ସାହିତ୍ୟ ସୃଷ୍ଟି କରିବାରେ ଅକ୍ଷୟ ମହାନ୍ତି ଥିଲେ ଏକ ଅନନ୍ୟ ପ୍ରତିଭା ।

ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି', ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମହାନ୍ ସାଧକଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ 'କିଟ୍ ଓ କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ରାଜ୍ୟ ବାର୍ କାଉନ୍‌ସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଯୁକ୍ତରାଷ୍ଟ୍ର ଆମେରିକା ଅବସ୍ଥାପିତ ଅକ୍ଷୟପ୍ରେମୀ ଶିଳ୍ପଦ୍ୟୋଗୀ ପ୍ରିୟଦର୍ଶୀ ଦାଶ, ମହାବୋଧି ସୋସାଇଟିର ଓଡ଼ିଶା ଶାଖା ମହାସଚିବ ଡ. ସୌରେନ୍ ମହାପାତ୍ର ବରେଣ୍ୟ ଅତିଥି ରୂପେ ଯୋଗଦେଇ ଅକ୍ଷୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ଚଳିତ ବର୍ଷର ସମ୍ମାନଜନକ 'ଅକ୍ଷୟ ସାହିତ୍ୟ ସମ୍ମାନ' ବିଶିଷ୍ଟ ସାହିତ୍ୟିକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଜଣାଶୁଣା ସଂଗୀତଜ୍ଞ ପ୍ରେମ୍ ଆନନ୍ଦଙ୍କୁ 'ଅକ୍ଷୟ ସଂଗୀତ ସମ୍ମାନ' ପ୍ରଦାନ କରାଯାଇଥିଲା । ଶେଷରେ ଆୟୋଜିତ ମନୋଜ୍ଞ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ପ୍ରବୀଣ ଓ ନବୀନ କଣ୍ଠଶିଳ୍ପୀ ଅକ୍ଷୟ ସଂଗୀତ ପରିବେଷଣ କରିଥିଲେ। ଏଥିରେ ଉଦୀୟମାନ ଭାଓଲିନ୍ ବାଦକ ମାଷ୍ଟର ରାକେଶ ବିଶ୍ୱାଳ ଅକ୍ଷୟ ସଂଗୀତର ସ୍ୱର ବାଦନ କରିଥିବା ବେଳେ ଇଂ. ଚିତ୍ତ୍ରାନନ୍ଦ ଦେଓ, ଛନ୍ଦା ମିଶ୍ର, ଆଦ୍ୟାଶା ଦାସ, ପ୍ରତିଭା ପ୍ରଧାନ ପ୍ରମୁଖ ସୁଲଳିତ କଣ୍ଠରେ ସଂଗୀତ ପରିବେଷଣ କରିଥିଲେ।

# କିଟ୍ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ଉଦଯାପିତ



**ଭୁବନେଶ୍ୱର,୧୯।୧୧ (ମହାଭାରତ):** କିଟ ଇଣ୍ଟରନ୍ୟାସନାଲ ସ୍କୁଲର ବହୁ ପ୍ରତୀକ୍ଷିତ ୧୧ତମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ୨୦୨୫ ରବିବାର ଉଦଯାପିତ ହୋଇ ଯାଇଛି। ଶନିବାର ଓ ରବିବାର ଦୁଇ ଦିନ ଧରି ରଙ୍ଗୀନ ଏବଂ ଉତ୍ସାହଜନକ ଢଙ୍ଗରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ କଳ୍ପନା, ସର୍ଜନଶୀଳତା ଏବଂ କାହାଣୀ କହିବାର ଉତ୍ସାହ ପାଇଁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ। ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ଥିଲେ ଅଭିନେତା ବିକ୍ରାନ୍ତ ମାସେ, ଯାହାଙ୍କ ଉପସ୍ଥିତି ଉଦଘାଟନୀ ସମାରୋହରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆକର୍ଷଣ ବୃଦ୍ଧି କରିଥିଲା। ଏଥିରେ ଉଦ୍‌ଘାଟକ ଭାବେ ଯୋଗ ଦେଇ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୁବ ଅଂଶଗ୍ରହଣକାରୀଙ୍କୁ କୌତୁହଳ ଏବଂ ସର୍ଜନଶୀଳତାକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେ କହିଲେ, ଏହି ମହୋତ୍ସବ କେବଳ ପିଲାମାନଙ୍କ ପାଇଁ ପରିକଳ୍ପନା କରାଯାଇଥିଲା। ଭାରତରେ ଅନେକ ସାହିତ୍ୟ ମହୋତ୍ସବ ହେଉଥିବା ବେଳେ, ଆମେ ପ୍ରଥମ ଥର ପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ କରିଥିଲୁ। ୨୦୧୬ରେ ଆମେ ଏଥିରେ 'ଜାତୀୟ' ଶବ୍ଦ ଯୋଡ଼ି କୁନିକୁନି ପିଲାଙ୍କୁ ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରି ସଫଳ ହୋଇଛୁ। ସେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ବଜାୟ ରଖିବା ସହ ପ୍ରତ୍ୟେକ ବକ୍ତାଙ୍କୁ ଧ୍ୟାନର ସହିତ ଶୁଣିବା, ବହି ପଢ଼ିବା ଏବଂ ଲେଖିବାର ଅଭ୍ୟାସ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। କେବଳ ଇଣ୍ଟରନେଟ୍ ତୁମକୁ ସାହାଯ୍ୟ କରିବ ନାହିଁ, ଜୀବନରେ ଆଗକୁ ବଢ଼ିପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ ହୋଇଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ। କିଟ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ତଥା କ୍ଲାଉଡନାଇନ୍ ର ସମ୍ପାଦିକା ଡ ମୋନାଲିସା ବଳ କହିଲେ, ଏହି ମହୋତ୍ସବ ଅନୁଷ୍ଠାନ ସହିତ ଜଡ଼ିତ ସମସ୍ତଙ୍କ ପାଇଁ ଏକ 'ବିଶେଷ ସ୍ଥାନ' ରଖିଛି। କାରଣ ଏହା ଯୁବ ମନ ମଧ୍ୟରେ ସର୍ଜନଶୀଳତା ଓ ବିବିଧ ଦୃଷ୍ଟିକୋଣକୁ ପୋଷଣ କରେ। ସେ କହିଲେ, ସାହିତ୍ୟ କେବେ ମରେ ନାହିଁ। ତେବେ ସାହିତ୍ୟ ପରବର୍ତ୍ତୀ ପିଢ଼ି ଦ୍ୱାରା ପୁନଃଆବିଷ୍କାର, ପୁନଃବ୍ୟାଖ୍ୟା ଏବଂ ପୁନଃପ୍ରଶଂସିତ ହେବାକୁ ଅପେକ୍ଷା କରୁଛି ବୋଲି ସେ ମତ ଦେଇଥିଲେ।

# ଏଆଇ ଏବଂ ଡ଼ିଜିଟାଲ ବ୍ୟାକିଙ୍ଗ ଏସଏମଇ ଭିତିଭୂମିକୁ ପୁନଃରୂପରେଖ ପ୍ରଦାନ କରିଛି କୋଟାକ୍

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ସମଗ୍ର ଓଡ଼ିଶାରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସଏମଇ ସମୂହ) ଏକ ଦ୍ରୁତଶୀଳ ଡ଼ିଜିଟାଲ ରୂପାନ୍ତରିକରଣକୁ ନେଇ ଆଗେଇ ଚାଲିଛି ଏଥି ସହିତ ଭୁବନେଶ୍ୱରର ନବୀନତମ, ଅର୍ଥ ପ୍ରଯୁକ୍ତି ଗ୍ରହଣକାରୀତା ଏବଂ ଏଆଇ ଅଗ୍ରଣୀ ଅଭିବୃଦ୍ଧି ସହିତ ଏକ ପ୍ରମୁଖ ହବ ଭାବରେ ପ୍ରତିଷ୍ଠିତ ହେବାକୁ ଯାଉଛି। ୧୯ ଲକ୍ଷରୁ ଅଧିକ ଏମଏସଏମଇର ଅବଦାନ ସହିତ ଏହା ରାଜ୍ୟର ଅର୍ଥନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯାହା ମଧ୍ୟରେ ରହିଛି ତନ୍ତଶିଳ୍ପ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଯାନ୍ତ୍ରିକୀ, ଏଆଇ କ୍ଷମତା ଆଡ଼କୁ ଆକର୍ଷିତକାରୀତାର ବିଭିନ୍ନ ଉପାୟ ଏବଂ ଡ଼ିଜିଟାଲ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଯାହାକି ଯଥାର୍ଥରେ ଦକ୍ଷତା, ମାନଦଣ୍ଡ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗୀତା ମନଭାବକୁ ନେଇ ଅନେକ ଗୁଡ଼ିଏ ନୂଆ ନୂଆ ସୁଯୋଗର ତାଲା ଖୋଲି ପାରିଛି।

ଏହି ମୁହୂର୍ତକୁ ଆହୁରି ଅଧିକ ବ୍ୟାପକ କରିବା ପାଇଁ, ଓଡ଼ିଶା ରାଜ୍ୟ ସରକାର ଅନେକ ଗୁଡ଼ିଏ ସଫଳକାରୀ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି ଯାହା ମଧ୍ୟରେ ରହିଛି, ସମନ୍ୱିତ ଗ୍ଲୋବାଲ ଫିନଟେକ ସକ୍ଷମକାରୀ ହବ ଏବଂ ଓଡ଼ିଶା ଆଇଟି ପଲିସି ୨୦୨୫, ଯାହାର ମୂଳଲକ୍ଷ୍ୟ ଡ଼ିଜିଟାଲ କୁଶଳତାକୁ ଆଗକୁ ବଢ଼ାଇବା ସହିତ, ନବୀନତମ ଏବଂ ଏସଏମଇ ଗୁଡ଼ିକ ମଧ୍ୟରେ ଫିନଟେକ୍ ସମନ୍ୱିତକାରୀତା ପ୍ରତିଷ୍ଠା କରିବା। ଏଭଳି ଉଦ୍ୟମ ଗୁଡ଼ିକ ଯଥାର୍ଥରେ ଏକ ବିରାଟକାୟ ଇକୋପ୍ରଣାଳୀ ପ୍ରତିଷ୍ଠା କରିପାରିଛି ଯେଉଁଠାରେ କି ପାରମ୍ପରିକ ଉଦ୍ୟୋଗ ଗୁଡ଼ିକ ଆଧୁନିକତମ କାର୍ଯ୍ୟକ୍ଷମ କରିବା ସହିତ ଯୋଗାଣ ଚେ଼ନ ସହିତ ଏକାଠି ହୋଇ ସେମାନଙ୍କର ବଜାର ପ୍ରବେଶକୁ ଆହୁରି ବ୍ୟାପକ କରିପାରିଛନ୍ତି।

# ଖଣ୍ଡଗିରି ମହାକୁମ୍ଭମେଳା ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ଅଧ୍ୟକ୍ଷ ତଥା କୁମ୍ଭମେଳାର ଆବାହକତ୍ୱରେ ପାଦୁକା ଆଶ୍ରମ, ଖଣ୍ଡଗିରିଠାରେ କୁମ୍ଭମେଳାର ପ୍ରସ୍ତୁତି ବୈଠକ ହୋଇଥିଲା । ଉକ୍ତ ବୈଠକରେ କୁମ୍ଭମେଳାର ଆବାହକ ସଭାପତିତ୍ୱ କରିଥିଲେ । ବାବା ପଞ୍ଚଦେବ କହିଲେ ସନାତନ ବୈଦିକ ଧର୍ମ ସଂସ୍କୃତି ଅନୁଯାୟୀ କୁମ୍ଭମେଳାରେ ସାଧୁସନ୍ଥମାନେ ପାଳନ କରିବେ । କୌଣସି ଗୁଣି, ଗାରେଡି, ଝଡ଼ା ଫୁଙ୍କାରେ ରୋଗ ପ୍ରଭୃତି ଭଲ ହେବା ଅପସଂସ୍କୃତିକୁ ପ୍ରଶୟ ଦିଆଯିବ ନାହିଁ । ଆର୍ଯ୍ୟସମାଜର ୧୫୦ତମ ପ୍ରତିଷ୍ଠା ଦିବସ ସନାତନ ବୈଦିକ ଧର୍ମ, ବେଦ ଉଧାରକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମଜୟନ୍ତୀ ପାଳନ କରାଯାଇଥିଲା ଅକ୍ଟୋବର ୩୦ ରୁ ନଭେମ୍ବର ୧ ତାରିଖ । ଭାରତ ସରକାରଙ୍କ ଦ୍ୱାରା ୧୫୦ ଟଙ୍କିଆ ମୁଦ୍ରା ଓ ୨୦୦ ଟଙ୍କିଆ ମୁଦ୍ରା ଉନ୍ମୋଚନ କରାଯାଇଥିଲା ଯେଉଁଥିରେ ଗାୟତ୍ରୀ ମନ୍ତ୍ରଙ୍କୁ ସ୍ଥାନ ଦିଆଯାଇଥିବାରୁ



ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦିଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲା ଓ ସାଧୁସନ୍ଥମାନେ ଧନ୍ୟବାଦ ଜଣାଇଛନ୍ତି । ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ୧୫୦ତମ ଜୟନ୍ତୀ ପାଳନ ମଧ କରାଯାଇଥିଲା । ପାଦୁକାଶ୍ରମ (କଠଉ) ମଠର ବାବା ଉଦ୍ଧବ ଦାସଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା । ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ସଂଘ ତରଫରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଖଣ୍ଡଗିରିରେ ଯୋଗ ଦେଉଥିବା ସାଧୁସନ୍ଥ ମାନଙ୍କ ଦ୍ୱାରା ସାଧୁ ସମ୍ମିଳନୀ କରାଯାଇଥିଲା । ବାବା ପଞ୍ଚଦେବ କହିଲେ ଏ ବର୍ଷ ଖଣ୍ଡଗିରି ସାଧୁସନ୍ଥ କୁମ୍ଭମେଳା ତା ୨୩.୦୧.୨୦୨୬ରୁ ତା ୦୧.୦୨.୨୦୨୬ ପର୍ଯ୍ୟନ୍ତ ପାଳନ କରାଯିବ । ଏବର୍ଷ କୁମ୍ଭମେଳାର ଏକ ସ୍ମରଣିକା ଉନ୍ମୋଚନ କରାଯିବ। ୧୪୪ଜଣଙ୍କୁ କୁମ୍ଭମେଳାର ସାଧୁସନ୍ଥ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଚଳିତ ବିଧାନସଭାର ଶୀତକାଳୀନ ଅଧିବେଶନରେ ସାଧୁସନ୍ଥ କୁମ୍ଭମେଳାକୁ ରାଜ୍ୟ ସରକାର ମାନ୍ୟତା ସହିତ ପ୍ରୋତ୍ସାହନ କରିବା ଏବଂ ସରକାରୀ ସ୍ୱୀକୃତି ପ୍ରଦାନ କରିବା ପାଇଁ ସାଧୁସନ୍ଥମାନେ ଦାବି କରିଥିଲେ । ବିଧାୟକ ବାବୁ ସିଂଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ଦେବାପାଇଁ ସାଧୁସନ୍ଥମାନେ ସଭାକାର୍ଯ୍ୟରେ ଜଣାଇଥିଲେ।

# ୱିପ୍ରୋ ଜିଇ ହେଲ୍‌ଥକେୟାରର ମଲ୍ଟି-ସିଟି 'ହେଲ୍‌ଥ ଯାତ୍ରା'

**ରାଉରକେଲା,୧୯।୧୧ (ମହାଭାରତ):** ହେଲ୍‌ଥକେୟାର ଟେକ୍ନୋଲୋଜିର ଏକ ଆନ୍ତର୍ଜାତୀୟ ପ୍ରଦାତା ୱିପ୍ରୋ ଜିଇ ହେଲ୍‌ଥକେୟାର ପକ୍ଷରୁ ରାଜ୍ୟବ୍ୟାପୀ ଏହାର ସକ୍ରିୟ ଅଭିଯାନ 'ହେଲ୍‌ଥ ଯାତ୍ରା'ର ୨ୟ ପର୍ଯ୍ୟାୟ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଯାତ୍ରା ଏବେ ଓଡ଼ିଶାରେ ଚାଲିଛି, ଏହାର ପରବର୍ତୀ ସ୍ଥାନ ରାଉରକେଲାର ହାଇ-ଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ହେବ। ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ସହ ସମନ୍ୱିତ ଥିବା ଏହି ଅଭିଯାନକୁ ରୋଗୀଙ୍କ ଚିକିତ୍ସାର ମାନକୁ ରୂପାନ୍ତର କରିବା ପାଇଁ ଉନ୍ନତ ସଚେତନତା ସୃଷ୍ଟି କରିବା ଏବଂ ରୋଗୀମାନଙ୍କ ନିକଟରେ ବ୍ୟାପକ ପହଂଚ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଅଭିଯାନ ଚିକିତ୍ସକମାନଙ୍କୁ ଆଡ୍‌ଭାନ୍ସଡ ଅଲଟ୍ରାସାଉଣ୍ଡ ଓ ରୋଗୀ ଚିକିତ୍ସା ସମ୍ବନ୍ଧିତ ଟେକ୍ନୋଲୋଜିଗୁଡିକ ସହ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା ନିଦାନ ସଠିକତାକୁ ଉନ୍ନତ କରିବ ଏବଂ ଚିକିତ୍ସା ସମ୍ବନ୍ଧିତ କାର୍ଯ୍ୟଗୁଡିକୁ ଶୃଙ୍ଖଳିତ କରିବ। ଭୁବନେଶ୍ୱରରୁ ଆରମ୍ଭ ହେବା ପରେ, 'ସ୍ୱାସ୍ଥ୍ୟ ଯାତ୍ରା' ଏବେ ଓଡ଼ିଶାର ରାଉରକେଲା ସ୍ଥିତ ହାଇ-ଟେକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ପହଂଚିଛି।ଏସମ୍ପର୍କରେ ୱିପ୍ରୋ ଜିଇ ହେଲ୍‌ଥକେୟାରର ଅଲଟ୍ରାସାଉଣ୍ଡ ବିଭାଗର ବିଜ୍‌ନେସ୍ ହେଡ, ଅନୁପ କୁମାର କହିଛନ୍ତି, "ୱିପ୍ରୋ ଜିଇ ହେଲ୍‌ଥକେୟାରରେ ଆମେ ଏକ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛୁ। ହେଲ୍‌ଥ ଯାତ୍ରା ଅଭିଯାନ ମାଧ୍ୟମରେ ଆମର ବିଶେଷଜ୍ଞମାନେ ଅଣସେବାପ୍ରାପ୍ତ ବଜାରଗୁଡିକରେ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ବିପ୍ଳବ ଆଣିବାର ଲକ୍ଷ୍ୟ ସହିତ ଆଗଧାଡିର ଚିକିତ୍ସକଙ୍କ ସହ ପ୍ରତ୍ୟକ୍ଷ ଭାବେ ସଂଯୋଗ ହେଉଛନ୍ତି।

# ସାମସଙ୍ଗ ତାମିଲନାଡୁରେ ଡ଼ିଜିଟାଲ ଏବଂ ଷ୍ଟେମ ଶିକ୍ଷାକୁ ମଜବୁତ କରିବାକୁ ଯାଉଛି

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ୟୁନାଇଟେଡ଼ ନେସନ ଗ୍ଲୋବାଲ କମ୍ପାକ୍ଟ ନେଟୱାର୍କ ଇଣ୍ଡିଆ (ୟୁଏନ ଜିସିଏନଆଇ) ସହିତ ସହଭାଗୀତାରେ ଆଜି ଡ଼ିଜିଆରିଭୁର ଶୁଭାରମ୍ଭ କରିବାକୁ ଯାଉଛି – ଯାହାକି ଛାତ୍ର ମାନଙ୍କୁ ପ୍ରଯୁକ୍ତି ବିଦ୍ୟା ଜରିଆରେ ସଶକ୍ତ କରିବା ସହିତ ଏହା ଏକ ଶିକ୍ଷା କାର୍ଯ୍ୟକ୍ରମ ଯାହାର ଲକ୍ଷ୍ୟ ଡ଼ିଜିଟାଲ ଏବଂ ବିଜ୍ଞାନ, ଜ୍ଞାନକୌଶଳ, ଯାନ୍ତ୍ରିକୀ ଏବଂ ଗଣିତ (ଷ୍ଟେମ) ଶିକ୍ଷାକୁ ତାମିଲନାଡୁରେ ଅଧିକ ମଜବୁତ କରିବା। ଏଭଳି ଏକ ପଦକ୍ଷେପ ଜରିଆରେ, ସାମସଙ୍ଗ ବିଦ୍ୟାଳୟର ଭିତିଭୂମି ଗୁଡ଼ିକୁ ଅପଗ୍ରେଡ଼ କରିବା ସହିତ, ଷ୍ଟେମ ଏବଂ ଡ଼ିଜିଟାଲ ଶିକ୍ଷାକୁ ସକ୍ଷମ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ତଥା ତାମିଲନାଡୁର କାଂଚିପୁରମ ଏବଂ ରାନୀପେଟ ଜିଲ୍ଲା ଗୁଡ଼ିକରେ ଥିବା ୧୦ଟି ସରକାରୀ ବିଦ୍ୟାଳୟରେ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ବୌଦ୍ଧିକ ବିକାଶ ସର୍ବୋପରି ୩୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ମାନଙ୍କୁ ଏହା ଦ୍ୱାରା ଉପକୃତ କରିବା। ଡ଼ିଜିଆରିଭୁର ଅଂଶବିଶେଷ ଭାବରେ, ସାମସଙ୍ଗ ଏକ ବିବିଧ-ସ୍ତରଯୁକ୍ତ, ସମ୍ପ୍ରଦାୟ କୈନ୍ଦ୍ରିକ ମଡ଼େଲକୁ ଉପଯୋଗ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ରହିଥିବା ଦୁଇସ୍ତରୀୟ ଏବଂ ତିନିସ୍ତରୀୟ ଜିଲ୍ଲା ଗୁଡ଼ିକରେ ଶିକ୍ଷଣ ଇକୋପ୍ରଣାଳୀରେ ପରିବର୍ତନ ଆଣିବା।

# ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ଉଦୀୟମାନ ବ୍ୟାଡମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ରବିବାର ଭୁବନେଶ୍ୱରରେ ଏକ ସମାରୋହରେ ଇମ୍ପାକ୍ଟ ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ ୩୩ତମ ବାର୍ଷିକ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଯୁବ ଖେଳାଳି ଶ୍ୱେତପର୍ଣ୍ଣା ବ୍ୟାଡମିଣ୍ଟନରେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ୭ ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହିତ ଏକ ଟ୍ରଫି ପାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ସଫଳ ଖେଳାଳିମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେମାନଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ଭାରୋତ୍ତୋଳକ ପ୍ରୀତିସ୍ମିତା ଭୋଇ ଏବଂ ଲନ୍ ଟେନିସ୍ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏକ ପ୍ରଶଂସାପତ୍ର ଏବଂ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ମିଳିଥିଲା।



ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ଓଡ଼ିଶା ପୋଲିସର ପୂର୍ବତନ ଡିଜି ପ୍ରକାଶ ମିଶ୍ର, ଏକଲବ୍ୟ ପୁରସ୍କାର କମିଟି-୨୦୨୫ର ଅଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା, ବିଶିଷ୍ଟ ଜୁରି ସଦସ୍ୟଙ୍କ ସହିତ ଉପସ୍ଥିତ ଥିଲେ। ସେ ଶ୍ୱେତପର୍ଣ୍ଣାଙ୍କୁ ତାଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଅନ୍ୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ। ପୁରସ୍କାର ସମାରୋହରେ ଇମ୍ପାକ୍ଟର ଟ୍ରଷ୍ଟି ପରମିତା ପଣ୍ଡାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ବାସ୍କେଟ୍ରି'

**ଭୁବନେଶ୍ୱର,୧୯।୧୧ (ମହାଭାରତ):** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଏନ୍‌ଜିଓ ଅପ୍‌ହୋଲ୍ଡ ଆର୍ଥ ସହଯୋଗୀତାରେ ଏକ ଅନନ୍ୟ ପ୍ରୟାସ 'ପ୍ରୋଜେକ୍ଟ ବାସ୍କେଟ୍ରି' ଜରିଆରେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ଏବଂ ପାରିବେଶିକ ଅଗ୍ରଗାମୀତାକୁ ପ୍ରତିପାଳନ କରୁଛି। ଏହି ପ୍ରକଳ୍ପ ସମ୍ବଲପୁର ଜିଲ୍ଲାର ଲାଉମାଳ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ପାରମ୍ପରିକ ବାଉଁଶ ହସ୍ତଶିଳ୍ପର ପୁନରୁଦ୍ଧାର ଦ୍ୱାରା ଗ୍ରାମୀଣ ମହିଳାମାନଙ୍କ ନିମନ୍ତେ ସ୍ଥିର ଆୟକାରୀ ସୁଯୋଗଗୁଡିକ ସୃଷ୍ଟି କରିବାକୁ ଚାହୁଁଛି।

ପ୍ରୋଜେକ୍ଟ ବାସ୍କେଟ୍ରିର ମୂଳ ଲକ୍ଷ୍ୟ ହେଉଛି ଅତ୍ୟାବଶକ ସମ୍ବଳ ଏବଂ ଦକ୍ଷତା ସହିତ ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା। ଏହି ପ୍ରୟାସ ଅଧୀନରେ ଏକ ନବୀକରଣଯୋଗ୍ୟ ଏବଂ ପରିବେଶ ଅନୁକୂଳ ସମ୍ବଳ ଭାବରେ ବାଉଁଶ ଚାଷକୁ ଉତ୍ସାହିତ କରିବାକୁ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ବାଉଁଶ ଚାରା ବଣ୍ଟନ କରାଯାଉଛି। କାରିଗରମାନଙ୍କୁ ସେମାନଙ୍କର ନିଜର ବାଉଁଶ ଚାଷ କରିବା ନିମନ୍ତେ ସମର୍ଥ କରାଇ ଏହି ପ୍ରକଳ୍ପ କଞ୍ଚାମାଲ ଯୋଗାଣର ନିରନ୍ତର ଯୋଗାଣ ସୁନିଶ୍ଚିତ କରାଇବା ସହିତ ଦୀର୍ଘସୂତ୍ରୀ ଜୀବିକା ଉପାର୍ଜନରେ ସ୍ଥିରତା ଏବଂ ଆତ୍ମନିର୍ଭରତାକୁ ପ୍ରତିପାଳନ କରୁଛି। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହେଡ୍ ଅଫ ମାଇନିଂ ବିଜିନେସ୍ ଏବଂ ସମ୍ବଲପୁର କ୍ଲଷ୍ଟର ହେଡ୍ ଶ୍ରୀ କୈଳାସ ପାଣ୍ଡେ କହିଥିଲେ, "ପ୍ରୋଜେକ୍ଟ ବାସ୍କେଟ୍ରି 'ପରିବେଶଗତ ଦାୟିତ୍ୱ ନିର୍ବାହ ସହିତ ସମାବେଶୀ ଅଭିବୃଦ୍ଧି" ନିମନ୍ତେ ଆଦିତ୍ୟ ଆଲୁମିନିୟମର ଦୂରଦୃଷ୍ଟିକୁ ପାଳନ କରୁଛି। ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରି ଏବଂ ପାରମ୍ପରିକ କାରିଗରୀକୁ ପୁନଃସୁଦୃଢ କରି କମ୍ପାନୀ ଦକ୍ଷତା, ସୃଜନଶୀଳତା ଏବଂ ଆତ୍ମନିର୍ଭରତା ଆଧାରିତ ମଜଭୁତ ସମୁଦାୟ ନିର୍ମାଣ କରୁଛି।" କାରିଗରୀଭିତ୍ତିକ ଦକ୍ଷତାକୁ ମଜଭୁତ କରିବା ନିମନ୍ତେ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଲାଉମାଳ ଗ୍ରାମରେ ବାଉଁଶ ହସ୍ତଶିଳ୍ପ ପ୍ରସ୍ତୁତି ଉପରେ ୪୦ ଦିବସୀୟ ବ୍ୟବହାରିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ଆରମ୍ଭ ହୋଇଥିବାବେଳେ ଲଣ୍ଡ୍ରି ଝୁଡି, କାଗଜ ଝୁଡି ଏବଂ ବାସ୍କେଟ ଆଦି ବ୍ୟବହାରିକ ଉତ୍ପାଦଗୁଡିକର ଡିଜାଇନ ଏବଂ ପ୍ରସ୍ତୁତି ଉପରେ ଦୃଷ୍ଟିନିବଦ୍ଧ କରିଥିଲା।

# ସଡ଼କରେ ଯାଉଛି ଜୀବନ

ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ସଡ଼କ ପଥର ସମ୍ପ୍ରସାରଣ ଏବଂ ବିକାଶ ହେଉଛି, ତାହା ସହିତ ଗାଡ଼ିମୋଟର ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢ଼ିଚାଲିଛି । ସମସ୍ତେ ନିଜ ପେଷାରେ ବ୍ୟସ୍ତ । ସମସ୍ତେ ଦଉଡ଼ୁଛନ୍ତି । ଜୀବନ ଏତେ ବ୍ୟସ୍ତବହୁଳ ହୋଇଯାଇଛି ଯେ, ଦିନ ରାତି ଏବେ ଏକ ହୋଇଯାଇଛି । ସବୁ ବେଳେ ରାସ୍ତାରେ ଯାନବାହନ ଚଳାଚଳ କରୁଛି । ଏହା ସହିତ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି । ଆଜି ୩୦ ବର୍ଷ ତଳେ କାଁ ଭାଁ ସଡ଼କ ଦୁର୍ଘଟଣା ହେଉଥିବା ଏବଂ ଜୀବନହାନୀର ଖବର ଆସୁଥିଲା । ଗୋଟିଏ ଦୁର୍ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହେଉଥିଲା । କିନ୍ତୁ ଏବେ ପ୍ରତିଦିନ ଅନେକ ଛୋଟ ବଡ଼ ଦୁର୍ଘଟଣା ହେଉଛି ଏବଂ ରାସ୍ତାରେ ଜୀବନ ଯାଉଛି । ଏକ ରିପୋର୍ଟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ । ସଡ଼କ ଦୁର୍ଘଟଣାରେ ଭାରତ ହେଉଛି ବିଶ୍ୱର ରାଜଧାନୀ । ପ୍ରତି ବର୍ଷ ଏଠାରେ ଯେତିକି ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି । ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି । ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି । ସଡକ ଦୁର୍ଘଟଣାର ଅନେକ କାରଣ ରହିଛି । ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ । ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି । ଫଳରେ ରାସ୍ତାରେ ଧନଜୀବନ ହାନି ହେଉଛି । ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂଖ୍ୟା ଆହୁରି ବଢ଼ି ଯାଉଛି । ଜାତୀୟ ବା ରାଜ୍ୟପଥରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । ସହର ଭିତରେ ବି ଏହାର ଅଭାବ ରହିଛି । ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ । ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ଫିଟନେସ ଟେଷ୍ଟ କରାଯାଉନି । ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ । ଏହାକୁ ବି ଯାଞ୍ଚ କରାଯାଉନି । ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ । କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି । ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ । ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି । ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ ନିର୍ମାଣ କରାଯାଉଛି । ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି । ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲୋକ ବ୍ୟବସ୍ଥା ରହିବା ଉଚିତ । ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ । ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ ।

# କୋଟି ବ୍ରହ୍ମାଣ୍ଡର ଠାକୁର

**॥ ଦେବାଶିଷ ଆଚାର୍ଯ୍ୟ ॥**

*"ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି ।*

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ
ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ
ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ
ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ
ସ୍ମରାମି ।।'

ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର । ଜଗତରନାଥ ଶ୍ରୀଜଗନ୍ନାଥ । ଯାହାଙ୍କ ସମ୍ମୁଖରେ ଠିଆ ହୋଇଗଲେ ବିମୋହିତ ହୁଏ ଭକ୍ତ । ଲୋତକାପ୍ଲୁତ ହୁଏ ଆଖି, ବାୟୁଠାରୁ ହାଲୁକା ହୋଇଯାଏ ତନୁମନ । ପ୍ରଭୁଙ୍କୁ କୋଳାଗ୍ରତ କରିବାକୁ ପ୍ରଲମ୍ବିତ ବାହୁରେ ନିଜକୁ ହଜାଇ ଦିଏ ଭକ୍ତ, ବଡ଼ ବଡ଼ ଚକା ଆଖିର ସାଗରରେ ହଜିଯାଏ ଶ୍ରଦ୍ଧାଳୁ । ଗୋଲ ଗୋଲ ଆଖି ପରି ତାଙ୍କର ସବୁକିଛି ବଡ଼ । ମନ୍ଦିର ହେଉଛି ଶ୍ରୀମନ୍ଦିର, ଚକ୍ର ହେଉଛି ଶ୍ରୀଚକ୍ର । ସେହି କଳା ଶ୍ରୀମୁଖଙ୍କ ସୁଖଦ ଦର୍ଶନ ପାଇଁ ରାଜ୍ୟ ସରକାର ପରିକଳ୍ପନା କରିଛନ୍ତି ଆକାଂକ୍ଷା ପରିକ୍ରମା ପ୍ରକଳ୍ପ । ବେଦ ପାଠ ସାଙ୍ଗକୁ ନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହେବାକୁ ଯାଉଛି ଶ୍ରୀମନ୍ଦିରର ଚାରିଦ୍ୱାର । ରକବେଦ, ସାମ ବେଦ, ଅର୍ଥବ ବେଦ ଓ ଯର୍ଜୁବେଦ । ପାଠରେ ଏକାକାର ହେବ ଖଣ୍ଡ ମଣ୍ଡଳ । ଶ୍ରୀକ୍ଷେତ୍ରରେ ଏବେ ଅଦିନ ଯାତ୍ରା । ଭକ୍ତଙ୍କ ଭିଡ଼ ବଢ଼ିଲାଣି । ବଡ଼ଦାଣ୍ଡରେ ଆଧାତ୍ମିକ ପରିବେଶ । ଆସନ୍ତା ୧୭ତାରିଖ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓଡ଼ିଆ ଅସ୍ମିତାର ଅନନ୍ୟ ନିଦର୍ଶନ ଭାବେ ପ୍ରତିଷ୍ଠା କରାଯାଉଛି । ଅବର୍ଣ୍ଣନୀୟ ରୂପ ନେଇଛି ଶ୍ରୀମନ୍ଦିର ପରିକ୍ରମା ମାର୍ଗ । ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଭରି ଯାଉଛି ଆଧାତ୍ମିକ ଭାବ ।

ଯେତେ ମତ ସେତେ ପଥ । ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ । ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି । ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜ ଆତ୍ମ ଅନୁଚିନ୍ତନରେ ମାର୍ଗଦର୍ଶନ । ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ । ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ । ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ତ୍ୱ । ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ । ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି । କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ କିଛି ଦେଖିପାରୁନାହିଁ । ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ । ସେ ଆତ୍ମା ରୂପରେ ରହିଛନ୍ତି । ବର୍ହିଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ । ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ ।

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ । ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା ।

ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।

**ଦକ୍ଷିଣ ରାଡ଼ସ, ବଳଙ୍ଗା, ପୁରୀ**
**ଦୂରଭାଷ : ୯୭୭୮୬୩୫୯୨୬**

# ପ୍ରଦୂଷଣ ଓ ସ୍ୱାସ୍ଥ୍ୟ

**॥ ବିଜୟ କୁମାର ପୃଷ୍ଟି ॥**

ସପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହିପାରିବା । ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ । ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି ? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି । ତାହେଲେ ରୋଗ କିପରି ଆକ୍ରମଣ କରୁଛି ? ସେଥିପାଇଁ ଦାୟୀ କିଏ ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ । ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ୍ତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ୍ତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି । ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତ୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ ସଂକଟମୟ । ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି । ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ । ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ ।

ଆମ ଚାରିପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ । ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତ୍ତବ୍ୟ । ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ । ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର । ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ । ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ । ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି ? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ । ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ । ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ । ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ । ଏସବୁ ପ୍ରଦୂଷଣ କିଏ କରୁଛି ? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି । କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ'ଣ ପାପ ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ'ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ ।

ଖୋଦ ଆମ ଘର କଥା ଦେଖାଯାଉ । ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ । ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ । ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି । ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ । ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ । ଆଗେ ଛାତ୍ରଛାତ୍ରୀମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ ସଫା କରୁଥିଲେ । ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା । ବର୍ତ୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ । ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି ?

କଟାରେ ଅଛି - ଗାଁ ପରିମଳ ଧୋବା ତୁଠରୁ ଜଣାପଡ଼େ । ଅର୍ଥାତ୍ ଗାଁର ପରିବେଶ ପ୍ରଥମରୁ ଗାଁ ପୋଖରୀରୁ ହିଁ ଜଣାପଡ଼େ । ସେଇ ପୋଖରୀ ପାଣିରେ ଗାଈଗୋରୁ ଗାଧାନ୍ତି, ଧୋବା ଲୁଗାକାଚେ, ଲୋକମାନେ ଝାଡ଼ା ଫେରି ଶୌଚ ହୁଅନ୍ତି ଏବଂ ସେଇ ପୋଖରୀରେ ଲୋକମାନେ ଗାଧୋଇ ଥାନ୍ତି ଏବଂ ପାଣି ନେଇ ଘରେ ବ୍ୟବହାର କରନ୍ତି । ବର୍ଷ ବର୍ଷ ଧରି କୂଅ ମଇଳା ହୋଇଥିଲେ ମଧ ସେ ପାଣି ମଧ ବ୍ୟବହାର କରନ୍ତି । ଗାଁ ଗଣ୍ଡାର ଘରବାଡ଼ିରେ ଭଙ୍ଗାରୁଜା ପଦାର୍ଥରେ ପାଣି ଜମି ବର୍ଷାଦିନେ ମଶା ମାନଙ୍କର ସୃଷ୍ଟି ହୁଏ ଫଳରେ ମ୍ୟାଲେରିଆ ରୋଗ ବଢ଼ିଚାଲେ । ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ନିର୍ଭର କରେ ଆମର ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ । ଆମେ ଖାଦ୍ୟ ପ୍ରତି କେତେ ସଚେତନ କେତେ ନିୟନ୍ତ୍ରଣ ତାହା ସ୍ପଷ୍ଟ ବାରି ହୋଇଯାଏ । ଆଜିକାଲିର ଆଧୁନିକ ରାସ୍ତାଘାଟରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ଼, ଦହିବରା, ଗୁପଚୁପ ଏବଂ ବରାପିଆଜି ଦୋକାନ ପସରାରୁ ସେଗୁଡ଼ିକ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଅଥଚ ଆମର ପ୍ରିୟ ଖାଦ୍ୟ । କୁହାଯାଏ ରୋଗ ପାଟିରୁ ଆରମ୍ଭ ହୋଇ ମଳତ୍ୟାଗରେ ଶେଷ ହୁଏ । ତେଣୁ ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତା ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

ଏହା ବ୍ୟତୀତ ପରିବେଶ, ବିଭିନ୍ନ ମାର୍ଗରେ ପ୍ରଦୂଷିତ ହେଉଛି । ଆଜିକାଲି ଗାଡ଼ି ମଟରର ବିକଟ ଶବ୍ଦ ଦ୍ୱାରା ଏବଂ ଚଢ଼ାଗଳାରେ ମାଇକର ଗୀତା ବାଜା କାନ ଉପରେ ବହୁତ କୁ ପ୍ରଭାବ ପକାଇଥାଏ । ଗାଡି ମଟର ଏତେ ମାତ୍ରାରେ ବୃଦ୍ଧି ପାଇଲାଣି ଫଳରେ ବାୟୁମଣ୍ଡଳ ଏହାର କାର୍ବନ ଡାଇଅକ୍ସାଇଡ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ହେଉଛି । ହୁଏତ ସମୟ ଆସିବ, ଆମକୁ ଏକ ଅକ୍ସିଜେନ ପାରଲରରୁ ଅମ୍ଳଯାନ ନେଇ ଜୀବନ ବଞ୍ଚାଇବାକୁ ପଡ଼ିବ । ତେଣୁ ଅଧିକ ମାତ୍ରାରେ ବୃକ୍ଷରୋପଣ ହେଉଛି ଏକମାତ୍ର ପନ୍ଥା । ଆଜିକାଲି ସମସ୍ତଙ୍କର ଦରକାର ମୋବାଇଲ ଫୋନ । ଏହାର ଉପଯୁକ୍ତ ବ୍ୟବହାର ନକଲେ ହୁଏତ ଜୀବନ ଦୀପ ଯେତେବେଳେ ଲିଭିଯିବ ତାହା କେହି କହିପାରିବେନି । ନିକଟରେ ଆପଣଙ୍କର ତିକ୍ତ ଅନୁଭୂତି ବିଘ୍ନନାଶ ଗଣେଶଙ୍କ ଠାରୁ ମା'ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ । ବିଭିନ୍ନ ମାରାତ୍ମକ ରାସାୟନିକ ରଙ୍ଗରେ ଭରପୁର ମୂର୍ତ୍ତିକୁ ନଦୀ ଜଳରେ ଭଷାଇ କେତେ ଜଳ ପ୍ରଦୂଷଣ ହେଉଛି ତାହା ସମସ୍ତଙ୍କୁ ଜଣା । ସ୍ୱାସ୍ଥ୍ୟ ହାନିର ଏହା ଏକ ଜ୍ୱଳନ୍ତ ଉଦାହରଣ । ସବୁଠୁ ଦୁଃଖର କଥା ଆମେ ଏତେ ପ୍ରଦୂଷଣ କରି ମଧ ଆମ ପ୍ରଶାସନର ସ୍ଥାଣୁତା ଆମକୁ ଅଧିକ ପ୍ରୋତ୍ସାହିତ କରୁଛି । ଏହାର ପ୍ରତିକାର ନହେଲେ ହୁଏତ ଏ ମଣିଷ ସମାଜ ଖୁବ ଶୀଘ୍ର ଧ୍ୱଂସ ପାଇଯିବ । ଆସନ୍ତୁ ଏବେ ବି ସମୟ ଅଛି ଆମ ପରିବେଶ ସଫା ରଖିବା ସୁସ୍ଥ ସବଳ ହୋଇ ବଞ୍ଚିବା ।

**ସମ୍ପାଦକ, ନିରାମୟ, କଟକ**
**ଦୂରଭାଷ : ୯୮୬୧୪୬୪୯୩୨**

# ଶେଖ୍ ହାସିନା ଓ ଭାରତ

**॥ ସୌଭାଗ୍ୟ ରଂଜନ ମହାନ୍ତି ॥**

ଗତ ସପ୍ତାହରେ ବଙ୍ଗଳା ଦେଶରେ ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ନେଇ ବିସ୍ମିତ ହେବାର କିଛି କାରଣ ନାହିଁ । ବଙ୍ଗଳା ଦେଶର ମୁଖ୍ୟ ବିରୋଧିଦଳ ବର୍ଜନ କରିଥିବା ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନେତୃତ୍ୱରେ ପରିଚାଳିତ । ଆୱାମୀ ଲିଗ୍ୟ ୩୦୦ ସଦସ୍ୟ ବିଶିଷ୍ଟ ପାର୍ଲିଆମେଂଟରେ ୨୨୨ଟି ଆସନରେ ବିଜୟୀ ହୋଇ କ୍ରମାଗତ ଚତୁର୍ଥ ଥର ପାଇଁ ଦେଶରେ ଶାସନ ଡୋରି ଧରିଛନ୍ତି । ନିର୍ବାଚନକୁ ବର୍ଜନ କରିଥିବା ମୁଖ୍ୟ ବିରୋଧି ଦଳ ବଙ୍ଗଳା ଦେଶ ଜାତୀୟ ବାଦୀ ପାର୍ଟି (ବିଏନପି) ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ କରି ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନାଙ୍କ ଇସ୍ତଫା ଦାବି କରି ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ ଦେଇଛି । ୧୯୯୧ ରେ ସ୍ୱାଧୀନ ବଙ୍ଗଳାଦେଶ ଜନ୍ମନେବା ପର ଠାରୁ ନିର୍ବାଚନ ବର୍ଜନ । ସରକାରର ଇସ୍ତଫା ଦାବି, ସାଧାରଣ ଷ୍ଟ୍ରାଇକ କିଛି ନୂଆ କଥା ନୁହେଁ । ପ୍ରତି ଥରର ସାଧାରଣ ନିର୍ବାଚନ ପରେ ବିରୋଧି ଦଳଗୁଡିକ ପକ୍ଷରୁ ଯାହା ଘଟିଥାଏ, ଏବେ ହି ତା'ର କେବଳ ପୁନରାବୃତି ଘଟିଛି । ମୁଖ୍ୟ ବିରୋଧି ଦଳ ବିଏନପିର ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖ୍ୟାଲେ ଦିଆ ଏବେ ଜେଲରେ ନଜରବନ୍ଦୀ ଥିବାବେଳେ ଦଳର କାର୍ଯ୍ୟକାରୀ ତଥା ପୁଅ ତାରିକ୍ ରହମନ ଏବେ ଲଣ୍ଡନରେ ନିର୍ବାସନରେ ଅଛନ୍ତି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚଳିତ ନିର୍ବାଚନରେ ବଙ୍ଗଳାଦେଶରେ ଯେତିକି ଭୋଟଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି, ତାହା ୧୯୯୧ରେ ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥା ପୁନଃବାହଲ୍ ହେବା ପରେ ଦ୍ୱିତୀୟ ସବୁଠାରୁ କମ୍ ମତଦାନ ହାର ଥିଲା । ଉଲ୍ଲେଖ କରାଯାଇପାରେ ଯେ, ମୁଖ୍ୟ ବିରୋଧି ଦଳ ବିଏନପିର ନିର୍ବାଚନ ବର୍ଜନ ଓ ସାଧାରଣ ଷ୍ଟ୍ରାଇକ୍ ଆହ୍ୱାନ ପରିପ୍ରେକ୍ଷୀରେ ମତଦାନ ହାର ସର୍ବନିମ୍ନ ରହିଥିଲା । ଗତ ୨୦୧୯ ପାର୍ଲିଆମେଂଟ ନିର୍ବାଚନରେ ଦେଶରେ ମତଦାନ ହାର ୮୦ ପ୍ରତିଶତ ଥିବାବେଳେ ଏଥର ତାହା ୪୦ ପ୍ରତିଶତକୁ ହ୍ରାସ ପାଇଥିଲା । ତେବେ ସେ ଯାହା ହେଉନା କାହିଁକି, ଭାରତ ହେଉଛି ବଙ୍ଗଳା ଦେଶର ବିଶ୍ୱାସୀ ବନ୍ଧୁ ବୋଲି ନିର୍ବାଚନ ଦିନ ଟେଲିଭିଜନ ଚ୍ୟାନେଲଗୁଡିକ ସମ୍ମୁଖରେ ପ୍ରକାଶ କରିବା ଭାରତ ପ୍ରତି ତାଙ୍କର ଆସ୍ଥା ଓ ବିଶ୍ୱାସକୁ ପ୍ରତିପାଦିତ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତର ପଡୋଶୀ ତଥା ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗିତା ବୃଦ୍ଧି ନେଇ ଅଶୀ ଦଶକରେ ଜନ୍ମ ନେଇ ଦକ୍ଷିଣ ଏସିଆ ଆଂଚଳିକ ସହଯୋଗ ସମିତି (ସାର୍କ)ର ସାତ ସଦସ୍ୟଙ୍କ ମଧ୍ୟରୁ ଏବେ ପାକିସ୍ଥାନ, ନେପାଳ, ଶ୍ରୀଲଙ୍କା, ମାଳଦୀପ, ଆଫଗାନିସ୍ତାନ ସହ ଭାରତର ସମ୍ପର୍କ ଏବେ ଭଲ ନାହିଁ । ଦେଶ ସ୍ୱାଧୀନ ହେବା ପରଠାରୁ ପାକିସ୍ତାନ ଭାରତ ସହ ଶତ୍ରୁତା ଆଚରଣ କରି ଆସିଛି । ଏପରିକି ଦୁଇ ଦେଶ ମଧ୍ୟରେ ଚାରି ଚାରି ଥର ପ୍ରତ୍ୟକ୍ଷ ଯୁଦ୍ଧ ଲାଗିଛି । ଏବେ ବି ସୀମା ପାର ଆତଙ୍କବାଦ ଦ୍ୱାରା ଭାରତ ବିରୁଦ୍ଧରେ ପାକିସ୍ଥାନ ଛାୟା ଯୁଦ୍ଧ ଜାରି ରଖିଛି । ସେହିପରି ଭାରତର ଶତ୍ରୁ ରାଷ୍ଟ୍ରଭାବେ ପରିଚିତ ଚୀନ'ର ନିକଟତର ହୋଇ ଏବେ ନେପାଳ, ଶ୍ରୀଲଙ୍କା, ମାଳଦୀପ ଖୋଲାଖୋଲି ଆହ୍ୱାନ ସୃଷ୍ଟି କରିଛନ୍ତି । ଯଥାର୍ଥରେ କହିବାକୁ ଗଲେ ପଡୋଶୀ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କ ଏବେ ଭଲ ନାହିଁ । ଏପରି ଏକ ସମୟରେ ନିର୍ବାଚନ ପରିପ୍ରେକ୍ଷୀରେ ବୈଦ୍ୟୁତିକ ଗଣମାଧ୍ୟମଗୁଡିକ ସମ୍ମୁଖରେ ଭାରତ ଆମର ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର ବୋଲି କହି ପ୍ରଶଂସା କରିବା ଆଶ୍ୱସ୍ତିର କାରଣ ହୋଇଛି ସତ । କିନ୍ତୁ ବଙ୍ଗଳାଦେଶ ଏବେ ଯେପରି ଚୀନର ନିକଟତର ହେବାରେ ଲାଗିଛି, ତାହା ଚିଂାର କାରଣ ହେବା ସ୍ୱାଭାବିକ । ଚୀନର ବେଲଟ ଆଣ୍ଡ ରୋଡ ଇନିସିଏଟିଭ(ବିଆର୍‌ଆଇ) ପ୍ରକଳ୍ପକୁ ଭାରତ ଦୃଢ ବିରୋଧି କରିବା ସହ ପ୍ରତ୍ୟାଖ୍ୟାନ କରିଥିବାବେଳେ ପ୍ରଧାନମନ୍ତ୍ରୀ ହାସିନା ପ୍ରଶଂସା କରିବା ସହ ଏହା ତାଙ୍କ ଦେଶ ପାଇଁ ବିକାଶର ନୂଆ ଦରଜା ଖୋଲି ଦେଇଛି ବୋଲି କହିଛନ୍ତି । କେବଳ ଏତିକି ନୁହେଁ, ଗଲା ବର୍ଷ ଚୀନ ଓ ବଙ୍ଗଳା ଦେଶ ମଧ୍ୟରେ ଅଧିକାରୀ ସ୍ତରୀୟ ଏବଂ ସାଂସ୍କୃତିକ ବିନିମୟ ଅଧିକ ତ୍ୱରାନ୍ୱିତ ହୋଇଛି । ଯାହାକି ଭାରତ ପାଇଁ ଚିନ୍ତାର କାରଣ ଭାବେ ଉଭା ହୋଇଛି । ସେହିପରି ବଙ୍ଗଳା ଦେଶରେ ଚୀନ ବ୍ୟାପକ ପୁଞ୍ଜି ନିବେଶ କରିଥିବା ବେଳେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଏହା ନିଶ୍ଚିତ ଯେ, ବିସ୍ତାରବାଦୀ ନୀତି ଯୋଗୁଁ ଉତରପୂର୍ବାଂଚଳ ଠାରୁ ଆରମ୍ଭ କରି ଜାମ୍ମୁ କାଶ୍ମୀର ଏବଂ ଲଦାଖ, ସିକିମ୍ ସୀମାନ୍ତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଚୀନ ବାରମ୍ବାର ପ୍ରୟାସ କରିଆସିଛି । ଅନ୍ୟପକ୍ଷରେ ଚୀନ ସହ ଭାରତର ସମ୍ପର୍କ ଦିନକୁ ଦିନ ବିଗିଡିବାରେ ଲାଗିଛି । ସେହିପରି ପଡୋଶୀ ରାଷ୍ଟ୍ରମାନଙ୍କ ସହ ଭାରତର ସୁସମ୍ପର୍କରେ ଅବନତି ଘଟୁଥିବାବେଳେ ସେହି ଦେଶଗୁଡିକ ଏବେ ଡ୍ରାଗନର କବଜାରେ । ଯଦି ବଙ୍ଗଳାଦେଶ ଡ୍ରାଗନରେ ପଡେ, ତେବେ ଭାରତ ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଅନ୍ୟପକ୍ଷରେ ବଙ୍ଗଳା ଦେଶ ଚୀନର ନିକଟତର ହେଉଥିବରବେଳେ ଭାରତକୁ ସର୍ବସମ୍ମୁଖରେ ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର କହି ପ୍ରଶଂସା କରିବା ଘଟଣାରେ ଭାରତ ଉଲ୍ଲସିତ ନହୋଇ ସତର୍କ ରହିବା ବିଜ୍ଞତାର ପରିଚାୟକ ହେବ ।

ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

## ସରକାରଙ୍କ ନିର୍ଦ୍ଦେଶ ଫୁଁ’ ଖୁଲମ ଖୁଲା ଚାଲିଛି ବାଲି ଚାଲାଣ



ଅସ୍ତରଙ୍ଗ(ମହାଭାରତ): ରାଜ୍ୟ ସରକାର ବାରମ୍ବାର ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ବାଲି ଚୋରା ଚାଲାଣ ବନ୍ଦ କରିବାକୁ ମାତ୍ର ଅସ୍ତରଙ୍ଗ ଦେୀ ନଦୀ ରେ ଦିନ ଦିପ୍ରହର ରେ ଚାଲିଛି ଟ୍ରିପ୍ ଟ୍ରିପ୍ ବାଲି ଚୋରାଚାଲାଣ। କିନ୍ତୁ ସ୍ଥାନୀୟ ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି, ପ୍ରତ୍ୟେକ ଦିନ ଦେୀ ନଦୀ ରେ ଟାପା ମାଧ୍ୟମ ରେ ଟନ ଟନ ବାଲି ନଦୀ ଗର୍ଭ ରୁ ଆସି ଟ୍ରାକ୍ଟର ମାଧ୍ୟମ ରେ ବିଭିନ୍ନ ସ୍ଥାନ କୁ ଚାଲାଣ ହେଉଛି, ନିରୁଦ୍ଧିଷ୍ଟ ଭାବେ ଟ୍ରାକ୍ଟର ଗୁଡିକ ଖୋଲା ସ୍ଥାନ ରେ ରହୁଛନ୍ତି। କିଛି ବ୍ୟକ୍ତି ମାନେ ଟାପା ମାଧ୍ୟମ ରେ ନଦୀ ର ମଧ୍ୟ ଭାଗ ରେ ଥିବା ବାଲି ଚର ନିକଟରେ ଟାପା ଲଗାଇ ବାଲି ବୁହାଣ କରୁଛନ୍ତି ଆଉ ନଦୀ କୂଳକୁ ଆସି ବାଲି ଡିଲର ମାନଙ୍କୁ ଯୋଗାଯୋଗ କରିବା ସହ ଟ୍ରାକ୍ଟର ମାଧ୍ୟମ ରେ ଟ୍ରିପ୍ ଟ୍ରିପ୍ ବାଲି ସ୍ଥାନାନ୍ତର କରୁଛନ୍ତି। ଆଉ ବିନା କାଗଜପତ୍ର ରେ ଡିଲର ମାନେ ବାଲି ଜମା କରି ସାଧାରଣ ଲୋକ ଙ୍କୁ ଟ୍ରିପ୍ ପିଛା ୨୫ ଶହ ରୁ ୩ ହଜାର ଟଙ୍କାରେ ବିକ୍ରି କରୁଛନ୍ତି, ସିଧା ଖାଉଟି ମାନଙ୍କୁ ଲୁଟୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ, ଯାହାକି ଫଳରେ ଦେୀ ନଦୀ ରୁ ମଧୁରୀ ବାଲି ର ଭୌଗୋଳିକ ଅବସ୍ଥିତି ଅବକ୍ଷୟ ହେବାକୁ ଯାଉଛ। ଅନେକ ଥର ଅଭିଯୋଗ ହେଉଛି ମାତ୍ର ଫଳ ଶୂନ୍ୟ, କେବଳ ଅସ୍ତରଙ୍ଗ ନୁହେଁ ଏବେ ଅସ୍ତରଙ୍ଗ ଦେୀ ନଦୀ କୂଳ ରି ବାଲି ଶିଖରଘାଟ ଜଗତସିଂହପୁର, କଟକ ନିଆଳି, କାକଟପୁର ର ଅନେକ ଅଞ୍ଚଳ ସହିତ ଅସ୍ତରଙ୍ଗ ରେ ବିଭିନ୍ନ ସ୍ଥାନ ରେ ପହଞ୍ଚାଯାଉଛି, ଦେୀ ନଦୀ ବନ୍ଧ ରାସ୍ତା ପ୍ରଶସ୍ତିକରଣ ବର୍ତ୍ତମାନ ବାଲି ଚୋରା ଚାଲାଣ କୁ ଅଧିକ ପ୍ରୋତ୍ସାହନ ଦେଉଛି ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରୁଛି, ବର୍ତ୍ତମାନ ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ କୁ ସୁଚାରୁ ରୂପେ ପାଳନ କରି ବାଲି ଚୋରା ଚାଲାଣ କୁ ବନ୍ଦ କରିବା ନିମନ୍ତେ ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି ।

## ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ସକାଶେ ଗଞ୍ଜାମ ଜିଲ୍ଲା କବାଡି ଟିମ ଗସ୍ତ



ଆସିକା(ମହାଭାରତ):ବିଦ୍ୟାଳୟ ସମୂହ ର ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ସକାଶେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁଙ୍କ ନିର୍ଦ୍ଦେଶ ରେ ଆଠ ଦିନ ଧରି ଧରି ଅନୁଷ୍ଠିତ ହେବାକୁ ଥିବା କବାଡି କନିଷ୍ଠ ଓ ବରିଷ୍ଠ ଦଳର ସୁନ୍ଦରଗଡ଼ ଗ୍ରସ୍ତରେ ୪୮ ଜଣ ଖେଳାଳି ଆଜି ସୁନ୍ଦରଗଡ଼ ଗସ୍ତ କରିଛନ୍ତି।ଏହି ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତା ସକାଶେ ଗଞ୍ଜାମ ଜିଲ୍ଲାରୁ ଚୟନ ହୋଇଥିବା କନିଷ୍ଠ ବର୍ଗର ୨୪ ଜଣ ବାଳିକା, ବାଳକ ଓ ବରିଷ୍ଠ ବର୍ଗର ୨୪ ବାଳିକା, ବାଳକ ମିଶି ମୋଟ ୪୮ ଜଣ ଖେଳାଳି ମାନଙ୍କର ଏକ ପ୍ରାକ ପ୍ରଶିକ୍ଷଣ ଶିବିର ଆସ୍କା ସ୍ଥିତ ଟେକ୍ନିକାଲ ହାଇ ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଆସ୍କା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି ଓ ଟେକ୍ନିକାଲ ହାଇ ସ୍କୁଲ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପରମିତା ପଣ୍ଡା ଯୋଗ ଦେଇଥିଲେ ।ଏହି ତାଲିମ ଶିବିର ର ମୁଖ୍ୟ ପରିଚାଳକ ଭାବେ ସ୍ଥାନୀୟ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ କୈଳାଶ ଗୌଡ଼ ଓ ଶ୍ରୀକର ମାଝୀ, ସମର କେଶରୀ ହାଜିରା, ନରସିଂହ ସେଠି, ଅନିଲ କୁମାର ସ୍ୱାଇଁ, ବର୍ଷା ରାଣୀ ରଥ, ୟୁସଫ କଳାପାହାଡ଼ ,ଲିଜା ପାତ୍ର,ତାଲିମ ପ୍ରଦାନ କରିଥିଲେ । ମୋଟ ୨୪ ଜଣ ବରିଷ୍ଠ ବର୍ଗର ବାଳକ ବାଳିକା ମାନେ ସୁନ୍ଦରଗଡ଼ ଅଭିମୁଖେ ସମୀର କୁମାର ବେହେରା, ଅନିଲ କୁମାର ସ୍ୱାଇଁ ଓ ବର୍ଷା ରାଣୀ ରଥ ଙ୍କ ନେତୃତ୍ୱ ରେ ଯାତ୍ରା କରିଥିବା ବେଳେ ଚନ୍ଦ୍ର ଶେଖର ଦାସ, ୟୁସଫ କଳାପାହାଡ଼ ଓ ଚନ୍ଦ୍ରକଳା ସାହୁ ଙ୍କ ନେତୃତ୍ୱ ରେ ଅନ୍ୟ ୨୪ ଜଣ କନିଷ୍ଠ ବର୍ଗ ରେ ଖେଳାଳି ଯାତ୍ରା କରିଛନ୍ତି। ଏହି କବାଡି ପ୍ରଶିକ୍ଷଣ ରେ ମଦନ ମୋହନ ବାଡତ୍ୟା ଓ ଇନ୍ଦ୍ରଜିତ ନାହାକ ମଧ୍ୟ ତାଲିମ ଶିବିରରେ ସହଯୋଗ କରିଥିଲେ । ସ୍କୁଲ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଖେଳାଳୀ ଙ୍କ ସଫଳ କାମନା କରି ଧନ୍ୟବାଦ୍ ଜଣାଇଛନ୍ତି ।

## କଂଗ୍ରେସ ତରଫରୁ ରେଲୱେ ୱାଗନ ପାଲ ଭିଡା ଦାବି ନେଇ ଏକ ବିଶାଳ ସଭା ଯାତ୍ରା

ତାଳଚେର,(ମହାଭାରତ) :ତାଳଚେର ମହାନଦୀ କୋଇଲା ଶ୍ରମିକ କଂଗ୍ରେସ ତରଫରୁ ରେଲୱେ ୱାଗନ ପାଲ ଭିଡା ଦାବି ନେଇ ଏକ ବିଶାଳ ସଭା ଯାତ୍ରା ପ୍ରଦୂଷଣ ବିରୋଧ ରେ ପ୍ରଦୂଷଣ ବିଭାଗ ର ସରକାର ନିର୍ଦ୍ଦେଶ କୁ କାର୍ଯ୍ୟ କରି ଦାବି ରେ ଆଜି ପାଞ୍ଚ ସହ ରୁ ଉର୍ଦ୍ଧ ବିଶାଳ ଦୁଇ ଚକିଆ ମଟର ସାଇକେଲ ରାଲି ରେ ଯାଇ ସ୍ଥାନୀୟ ଘଣ୍ଟି□ପଡ଼ା କାଳୀ ମନ୍ଦିର ଠାରୁ ବାହାରି ତାଳଚେର ଉପ ଜିଲ୍ଲାପାଳ ଙ୍କୁ ଦାବି ପତ୍ର ଦିଆଗଲା ଏହା ସହିତ ଏହି ଦାବି ପତ୍ର ର ନକଲ ଏ.ଆର.ଏମ ତାଳଚେର (ରେଲୱେ) ଏବଂ ଏ.ଗ ଜଗନ୍ନାଥ ଏରିଆ ଙ୍କୁ ଜଣାଗଲା । ଦାବି ପତ୍ର ପ୍ରଦାନ ପରେ ସ୍ଥାନୀୟ ବାଘମରା ଠାରେ ସ୍ଥାନୀୟ ଯୁବକ ମାନଙ୍କର ଏକ ବୈଠକ ଆୟୋଜନ କରି ଆଲୋଚନା ରେ ନିଷ୍କର୍ଷ କରି ନିଆ ଗଲା । ଯେ ସରକାର ଙ୍କ ନିର୍ଦ୍ଦେଶ ମୁତାବକ ଏହି ଆଦେଶ ନାମା ଙ୍କୁ ଅତି ଶୀଘ୍ର କାର୍ଯ୍ୟକାରୀ ନ କରା ଗଲେ ପୂର୍ବ ନିର୍ଦ୍ଧାରିତ ଆସନ୍ତା ୧.୧୨.୨୦୨୫ ରୁ ସମଗ୍ର ତାଳଚେର ଓ କଣିହାଁ ଅଞ୍ଚଳ ରେ କୋଇଲା ପରିବହନ କୁ ସମ୍ପୁର୍ଣ୍ଣ ଭାବରେ ବନ୍ଦ କରାଯିବ। ଦରକାର ପଡ଼ିଲେ ଓ ନିର୍ଦ୍ଦିଷ୍ଟ ସମୟ ନିମନ୍ତେ ଅର୍ଥ ନୈତିକ ଅବରୋଧ ଜାରି ରହିବ ଏଥି ପାଇଁ ଯେଉଁ ପରିସ୍ଥିତ ସୃଷ୍ଟି ହେବ ସେଥିପାଇଁ କତୃପକ୍ଷ ସମ୍ପୁର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ସଭାପତି ଶ୍ରୀଯୁକ୍ତ ରାଜ କିଶୋର ସାହୁ ଜଣାଇ ଛନ୍ତି ।

## ଚୋରି ମାମଲାରେ ପୁଲିସକୁ ମିଳୁନି ସଫଳତା

# ଚୋର ଓ ଚୋରିର ସୁରାକ୍ ମିଳୁନି, ତଦନ୍ତକାରୀ ଅଧିକାରୀଙ୍କ ବଦଳି ପରେ ଚପିଯାଉଛି ମାମଲା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଓ ଏହାର ଆଖପାଖ ଅଞ୍ଚଳରୁ ରୀତିମତ ଭାବେ ଚୋରି ହୋଇଚାଲିଛି। ସହରରେ ନବଘନପୁର ଗାଁ ସମେତ ଏକାଧିକ ବଡ଼ ବଡ଼ ଚୋରି ମାମଲାରେ ପୁଲିସକୁ ସଫଳତା ମିଳିପାରୁନାହିଁ। ଫଳରେ ଦିନ ଯେତିକି ଯେତିକି ଗଡୁଛି, ମାମଲା ଗୁଡ଼ିକ ଫାଇଲରେ ଚାପି ହୋଇ ରହିଯାଉଛି। ଗତ ମାର୍ଚ୍ଚ ମାସରେ ଗୋଟିଏ ପରେ ଗୋଟିଏ ପ୍ରସିଦ୍ଧ ମନ୍ଦିରରୁ ଚୋରି ହୋଇଥିଲା। ସେହି ସମୟରେ ଯେଉଁ ଗ୍ୟାଙ୍ଗ୍ ମନ୍ଦିର ଗୁଡ଼ିକରୁ ମୂର୍ତ୍ତି ଚୋରି କରିଥିଲା, ତା’ ନିକଟରେ କିନ୍ତୁ ପୁଲିସ ବର୍ତ୍ତମାନ ସୁଦ୍ଧା ପହଞ୍ଚି ପାରିନାହିଁ। ଏହି ଚୋର ମାନଙ୍କ ନିକଟରେ ପଞ୍ଚିବା ତ ଦୂରରେ ଥାଉ, ଚୋରି ସମ୍ପର୍କରେ ପୁଲିସକୁ ଟିକିଏ ବି ସୁରାକ୍ ମିଳିପାରୁନାହିଁ। ଚୋରି ହେଉଥିବା ଥାନା ଗୁଡ଼ିକର ଏସ୍ଡିପିଓ ଓ ଇନ୍ସପେକ୍ଟରଙ୍କ ବଦଳି ପରେ ମାମଲା ତଦନ୍ତ ବାଧାପ୍ରାପ୍ତ ହେଉଛି। ଇଟାମାଟି ଥାନା ଅଧୀନ ବଡ଼ପଣ୍ଡୁସରର ପ୍ରସିଦ୍ଧ ଉଗ୍ରେଶ୍ୱର ମହାଦେବ ମନ୍ଦିରର ତାଲା ଭାଙ୍ଗି ପି□ଳରେ ନିର୍ମିତ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ପାର୍ବତୀଙ୍କ ସହ ପଞ୍ଚମୁଖୀ ଶିବ ମୂର୍ତ୍ତି ଚୋରି ହୋଇଥିଲା। ଚନ୍ଦ୍ରଶେଖର ଓ ପାର୍ବତୀଙ୍କ ମୂର୍ତ୍ତିର ଓଜନ ପ୍ରାୟ ୨୫ କେଜି ଏବଂ ପଞ୍ଚ□ମୁଖୀ ଶିବ ମୂର୍ତ୍ତିର ଓଜନ ୩୦ କେଜି ହେବ। ମନ୍ଦିରରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ବେଳେ ସିସିଟିଭି ମଧ୍ୟ ଲଗାଯାଇନଥିଲା। ଚୋରି ପୂର୍ବରୁ ତାଲାକୁ ଭଙ୍ଗାଯାଇଥିଲେ ମଧ୍ୟ ଏହାର କୌଣସି ସୁରାକ୍ ମିଳିନଥିଲା। ଯଦି ଚୋର ମାନେ ମନ୍ଦିରରେ ଥିବା ଅନ୍ୟ ମୂର୍ତ୍ତି ଗୁଡ଼ିକୁ




କାହିଁକି ଚୋରି କଲେ ନାହିଁ, ଏହାକୁ ନେଇ ସେତେବେଳେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଶେଷ କରି ମନ୍ଦିର ଗେଟ୍ ଚାବି କାହା କାହା ପାଖରେ ରହୁଥିଲା, ଏ ନେଇ ପୁଲିସ ତଦନ୍ତ ଚଳାଇଥିଲା। ଏହି ସମୟରେ ଉଭୟ ଏସ୍ଡିପିଓ ସୁଦର୍ଶନ ଗାଙ୍ଗୋଇ ଓ ଇଟାମାଟି ଥାନା ଇନ୍ସପେକ୍ଟର ଦିଲ୍ଲୀପ ସ୍ୱାଇଁଙ୍କର ବଦଳି ହୋଇଗଲା। ଫଳରେ ଏହି ମାମଲାଟି ଫାଇଲ୍ ମଧ୍ୟରେ ଚାପି ହୋଇ ରହିଗଲା। ସେହିପରି ଜିଲ୍ଲାର ଆଉ ଏକ ପ୍ରସିଦ୍ଧ ଓଡ଼ଗାଁ ଦୂତିକେଶ୍ୱର ମନ୍ଦିରରୁ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଥିଲା। ରୀତିନୀତି ଶେଷ ହେବା ପରେ ସନ୍ଧ୍ୟାରେ ମନ୍ଦିରର ପହୁଡ଼ ପକାଯାଇଥିଲା। ସକାଳୁ ଦ୍ୱାର ଖୋଲିବା ପରେ ମନ୍ଦିର ଭିତରୁ ରାଧାକୃଷ୍ଣଙ୍କ ବିରଳ ମୂର୍ତ୍ତି ଚୋରି ହୋଇଯାଇଥିବା ଜଣାପଡ଼ିଥିଲା ଏହାକୁ ନେଇ ସେବାସୀଙ୍କ ମଧ୍ୟରେ ଆଲୋଡ଼ନ ଖେଳି ଯାଇଥିଲା। ଏହା ମନ୍ଦିର ସେବାସୀ କିମ୍ବା ପୂଜକଙ୍କ କାମ ବୋଲି ମନ୍ଦିର କମିଟି ଭିତରେ ଆଲୋଚନା ହୋଇଥିଲା। ମନ୍ଦିରରେ ଠାକୁରଙ୍କ ଖଟୁଲି ଥିବା ବେଳେ କେବଳ ରାଧାକୃଷ୍ଣଙ୍କ ମୂର୍ତ୍ତି ଚୋରି ହୋଇଥିଲା। ମାତ୍ର କେଉଁ ମାନଙ୍କର ଏଥିରେ ସମ୍ପୃକ୍ତି ରହିଛି, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଏଣୁ ଏହି ଦୁଇଟି ଘଟଣାରେ କୌଣସି ମୂର୍ତ୍ତି ଚୋର ଗ୍ୟାଙ୍ଗ ନା ମନ୍ଦିର କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି, ପୁଲିସ ତାହା ସ୍ପଷ୍ଟ ହୋଇପାରୁନାହିଁ। ସେଠାରୁ ମଧ୍ୟ ଓଡ଼ଗାଁ ଏସ୍ଡିପିଓ ସୁଧାକର ସାହୁ ଓ ଥାନା ଇନ୍ସପେକ୍ଟର ରଶ୍ମୀରଂଜନ ସାହୁଙ୍କର ବଦଳି ହୋଇଯାଇଛି। ଏଣୁ ନୂତନ ଭାବେ ଦାୟିତ୍ୱ ନେଇଥିବା ଅଧିକାରୀ ମାନେ ଏହି ମାମଲା ଗୁଡ଼ିକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ଆୟୁଷ୍ମାନ ଆରୋଗ୍ୟ କେନ୍ଦଧରେ ନିଯୁକ୍ତି ଅନିୟମିତତା ପ୍ରତିବାଦ କଲେ ଶତାଧିକ ଗ୍ରାମବାସୀ



କାକଟପୁର (ମହାଭାରତ): ପୁରୀ ଜିଲ୍ଲା କାକଟପୁର ବ୍ଲକ ପାଟସୁନ୍ଦରପୁର ଗ୍ରାମ ର ଆୟୁଷ ଅଧୀନରେ ଥିବା ଆୟୁର୍ବେଦ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ସମ୍ମୁଖରେ ଆଜି ଶତାଧିକ ଗ୍ରାମବାସୀ ପ୍ରତିବାଦ କରିଥିଲେ, ସୂଚନା ମୁତାବକ ୧୯୭୨ ମସିହା ରେ ସରକାର ଯେତେବେଳେ ଏହି ଅଞ୍ଚଳ ରେ ଆରୋଗ୍ୟ କେନ୍ଦ୍ର ସ୍ଥାପନ କଲେ ସେହି ସମୟ ରେ ଗ୍ରାମବାସି ଙ୍କ ସହଯୋଗ ରେ ଜଣେ ସହୃଦୟ ବ୍ୟକ୍ତି ନିଜସ୍ୱ ସ୍ଥାନ ଦେଇଥିଲେ ଆଉ ସେହିସମୟ ରୁ ଅନେକ ଲୋକ ଭିନ୍ନ ଭିନ୍ନ ପଦବୀ ରେ ଏହି କେନ୍ଦ୍ର ରେ କାର୍ଯ୍ୟ କରି ଆସୁଛନ୍ତି, ମାତ୍ର କିଛି ମାସ ତଳେ ଅନ୍ୟ ଏକ ଅଞ୍ଚଳ ର ଯୁବକ ଙ୍କୁ ସାନିଟାରୀ କର୍ମଚାରୀ ଭାବେ ନିଯୁକ୍ତି ମିଳିଥିଲା, ଗ୍ରାମବାସୀ ଙ୍କ ଅଭିଯୋଗ ପରେ ଉକ୍ତ ବ୍ୟକ୍ତି କୁ ଅପସାରିତ କରାଗଲା କିନ୍ତୁ ପୁନଃବାର ଏହି ଆରୋଗ୍ୟ କେନ୍ଦ୍ର ରେ ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ର ଏକ ଯୁବକ ଙ୍କୁ ଏହି ପଦବୀ ରେ ନିଯୁକ୍ତି ମିଳିଲା, ଯାହା ସମ୍ପୂର୍ଣ୍ଣ ଅନିୟମିତତା ବୋଲି ଗ୍ରାମବାସୀ ଦାବୀ କରୁଛନ୍ତି। ଏ ସଂକ୍ରାନ୍ତ ରେ ଗ୍ରାମବାସି ମାନେ ୧୮ ତାରିଖ ବା ମଙ୍ଗଳବାର ଦିନ ଭୁବନେଶ୍ୱର ରେ ପୂର୍ବା□ଳ ଜିଲ୍ଲା ଆୟୁର୍ବେଦ ଅଧିକାରୀ ଙ୍କୁ ଭେଟିବା ସହ ଏକ ଲିଖିତ ଅଭିଯୋଗ କରିଥିଲେ, ମାତ୍ର ସେମାନଙ୍କ କଥା ଅଧିକାରୀ ଭୃକ୍ଷେପ କରିନଥିଲେ, ଯାହାକି ଫଳରେ ଆଜି ଗ୍ରାମ ର ଶତାଧିକ ପୁରୁଷ ମହିଳା ଏକାଠି ହୋଇ ଏହି ଆୟୁର୍ବେଦ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ସାମ୍ନା ରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଗ୍ରାମ ର ପ୍ରଦୀପ୍ତ ଦଳାଇ, କଳ୍ପନା ସ୍ୱାଇଁ, ବେବି ନାୟକ ପ୍ରମୁଖ ବ୍ୟକ୍ତି ବିଶେଷ ଆଜି ଉପସ୍ଥିତ ଥିବା ଆୟୁଷ ଅଧିକାରୀ ଙ୍କ ମାର୍ଫତ ରେ ବିଭାଗୀୟ ଅଧିକାରୀ ଙ୍କୁ ସେମାନଙ୍କ ଦାବୀ ପତ୍ର ପୁନଃବାର ଦେବା ସହ ସେମାନଙ୍କ ଗ୍ରାମ ର ବ୍ୟକ୍ତି ଙ୍କୁ ସାନିଟାରୀ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଜଣାଇଛନ୍ତି ନଚେତ ଆଗାମୀ ଦିନରେ ଏହି ପ୍ରତିବାଦ ତୀବ୍ର ରୂପ ନେବା ସହ ଆରୋଗ୍ୟ କେନ୍ଦ୍ର ରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି।

## କେବଳ ଦେଖାଣ ହାରିର ମନମୋହୁଛି ଅଳସି ଫୁଲ: ଶୋଷଣର ଶିକାର ଚାଷୀ

ଲାଞ୍ଜିଗଡ(ମହାଭାରତ): ଶୀତୁଆ କାକରରେ ସତେ ଯେମିତି କୁହୁଡିର ଚାଦର ତଳେ ଘୋଡେଇ ହୋଇଛି ହଳଦୀ ଟହଟହ ହଳଦୀରାଣୀ ଅଳସିଫୁଲ । ଅଳସି ଫୁଲର ମନମହକ ସୌନ୍ଦର୍ଯ୍ୟ ମାଦକ ତଳେ ଧରଣୀ ରାଣୀ ସତେ ଲାଗୁଛି ହଳଦିଆ ପାଟ ଶାଢୀରେ ସଜେଇ ହେଉଛି ନୂଆଁ ବୋହୁ ପରି। ଯୁଆଡେ ଅନେଇଲେ ସିଆଡେ ଆଖି ପାଇଲା ଯାକେ ଅଳସିଫୁଲରେ ହୋଇଛି ଛାଉଣୀ । ଏହି ଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଉପାନ୍ତ ଅଞ୍ଚଳରେ । ଉକ୍ତ ଅଞ୍ଚଳ ପାହାଡିଆ ହୋଇଥିବା ବେଳେ ପାହାଡି ସ୍ଥାନରେ ଏହି ଫସଲ ଭଲ ଅମଳ ହୋଇ ଥାଏ ଯାହାଦ୍ୱାରା ଉପାନ୍ତ ଗାଁ ଦାଣ୍ଡ ଦିଶୁଛି ପରସ୍ତେ ହଳଦୀ ରଙ୍ଗର ଛାଉଣୀ ପରି । ଚଳିତ ବର୍ଷ ପାଗ ଅନୁକୂଳ ଯୋଗୁଁ ଭଲଭାବେ ଫୁଲ ଧରିଛି ଅଳସି ଗଛରେ । ଲାଗୁଛି ଭଲ ଅମଳ ହେବ ଏହି ବର୍ଷ । ତେବେ ଏହି ଆଦିବାସୀ ଚାଷୀ ମାନଙ୍କ ପାଇଁ ଉପଯୁକ୍ତ ବଜାର ବା ମଣ୍ଡିର କୌଣସି ବ୍ୟବସ୍ଥା ନାହିଁ ଫଳରେ ସେମାନେ କମ ଦରରେ ବାଧ୍ୟ ହୋଇ ଆଞ୍ଚଳିକ ବ୍ୟବସାୟ ବା ଦଲାଲ ମାନଙ୍କ ଶୋଷଣର ଶିକାର ହେଉଛନ୍ତି । ଅଳସି ଅମଳ ହେବା ପୂର୍ବରୁ ଚାଷୀମାନଙ୍କ ଠାରୁ ସେହି ବ୍ୟବସାୟ ବା ଦଲାଲ ମାନେ କମ ଦରରେ ଅଳସି ନେବା ପାଇଁ ବଇନା ଟଙ୍କା ଆଗରୁ ଦେଇ ଥାନ୍ତି । ଦୀର୍ଘବର୍ଷ ଧରି ଏହି ଆଦିବାସୀ ମାନେ ଅଳସି ଚାଷ କରୁଥିବା ସତ୍ତ୍ୱେ ସେମାନଙ୍କ ବିକ୍ରି ବଟା ତଥା ଉନ୍ନତ ଚାଷ ଦିଗରେ କୌଣସି ସୁବିଧା ସୁଯୋଗ ମିଳୁ ନାହିଁ । ଚଳିତ ବର୍ଷ ଲାଞ୍ଜିଗଡ ବ୍ଲକ ପାହାଡପଦର, ମାଳିଯୁବାଙ୍ଗ, ବିଜେପୁର, ଲାଖବାହାଲି, ବେନାଗାଁ,ଲାଞ୍ଜି, କାନକୁଟୁ, କୁମଖାଲ, ବେଡାଗାଁ,ତ୍ରିଲୋଚନ ପୁର ଆଦି ପଞ୍ଚାୟତରେ ଥିବା ଦୁର୍ଗମ ଅଞ୍ଚଳ ମାନଙ୍କରେ ଅଳସି ଚାଷ ଭଲ ଅମଳ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ମଣ୍ଡିର କୌଣସି ବ୍ୟବସ୍ଥା ନଥିବାରୁ ଚାଷୀ କମ ଦରରେ ଦଲାଲ ଙ୍କ ହାତରେ ଟେକିଦେଉଛନ୍ତି । ପୋଡ଼ସୀ ଜିଲ୍ଲା ରାୟଗଡା ଆମ୍ବଦୋଳାରୁ ବ୍ୟବସାୟୀ ମାନେ ଦୁର୍ଗମ ଅଞ୍ଚଳ ମାନଙ୍କୁ



ଆସି କମ ଦରରେ ଅଳସି କିଣୁଥିବା ଚାଷୀ ମାନେ ଅଭିଯୋଗ ଆଣିଛନ୍ତି । ଉଚିତ ବଜାର କିମ୍ବା ମଣ୍ଡିର ବ୍ୟବସ୍ଥା ନ ଥିବାରୁ ଆମେ କମ ଦରରେ ବିକ୍ରି କରୁଛୁ ବୋଲି ଚାଷୀ ମନେ କହୁଥିବା ବେଳେ ଅଳସି ଉତ୍ପାଦନ କ୍ଷେତ୍ରରେ ଏହି ଚାଷୀମାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ସେମାନଙ୍କର ଉପଯୁକ୍ତ ବଜାର ବା ମଣ୍ଡିର ବ୍ୟବସ୍ଥା ତଥା ସରକାରୀ ସୁବିଧା କିଛି ନାହିଁ । ଏଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଚାଷୀ ଦାବିକରିଛନ୍ତି ।

## ହିଞ୍ଜିଳିକାଟୁ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଠେଲା ଗାଡି, ଉଠା ଦୋକାନି ମାନଙ୍କ ଧାରଣା



ହିଞ୍ଜିଳିକାଟୁ: (ମହାଭାରତ) ହିଞ୍ଜିଳିକାଟୁ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବୁଧୁବାର ସକାଳ ୧୧ ଘଣ୍ଟା ସମୟରେ ଠେଲା ଗାଡି, ଉଠା ଦୋକାନି ମାନେ ଧାରଣା ଦେଇଥିବାର ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ହିଞ୍ଜିଳିକାଟୁ ୫୯ ଜାତୀୟ ରାଜପଥ ଏବଂ ବସଷ୍ଟାଣ୍ଡ ସାଇଡ ରେ ରହିଥିବା ଉଠା ଦୋକାନି ଓ ଠେଲା ଗାଡି ବ୍ୟବସାୟୀ ମାନଙ୍କୁ ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ଦୋକାନ ଖୋଲିବା ପାଇଁ ମନା କରାଯାଇଥିଲା । ତେବେ ବିନା ନୋଟିସରେ ଦୁଇ ଦିନ ଧରି ସେମାନଙ୍କ ଦୋକାନ ବନ୍ଧ ରହିଥିବାବେଳେ ଆଜି ସକାଳ କିଛି ଠେଲା ଗାଡି, ଉଠା ଦୋକାନି ବ୍ୟବସାୟୀ ମାନେ ମିଳିତ ଭାବେ ହିଞ୍ଜିଳିକାଟୁ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ଧରି ସେହି ସ୍ଥାନରେ ଠେଲା ଗାଡି, ଉଠା ଦୋକାନି ମାନେ ବ୍ୟବସାୟ କରି ନିଜ ପରିବାର ପ୍ରତି ପୋଷଣ କରି ଆସୁଥିବାବେଳେ ବର୍ତ୍ତମାନ ପୌର ପରିଷଦ ବିନା ନୋଟିସରେ ଆଜି କୁ ଦୁଇ ଦିନ ହେଲାଣି ସେମାନଙ୍କୁ ସେଠାରେ ଦୋକାନ ଖୋଲିବା ପାଇଁ ମନା କରୁଛନ୍ତି ଯାହା ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ସେହି ସ୍ଥାନରେ ବ୍ୟବସାୟ କରିବା ପାଇଁ ୧ଟଙ୍କା ରୁ ୧୦ ଟଙ୍କା ଟିକସ ବା ପାନୁ ପୋରପରିଷଦ କୁ ପୈଠ କରିଆସୁଥିବାର ମଧ୍ୟ ଜଣାଇଛନ୍ତି । ତେବେ ହଠାତ ପୋରପରିଷଦ ପକ୍ଷରୁ ଏଭଳି ନିଷ୍ପତି ନିଆ ଯାଇଥିବାବେଳେ ଅସନ୍ତୋଷ ପ୍ରକାଶ କରିବା ସହ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ତେବେ ଖବର ପାଇ ପୋରପରିଷଦ ର ଅଧ୍ୟକ୍ଷ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କୁ ବୁଝା ସୁଝା କରିବା ସହ ସମସ୍ତ ଉଠା ଲଓ ଠେଲା ଗାଡି ବ୍ୟବସାୟୀ ମାନଙ୍କର ନାମ ଲିଖିତ ଆକାର ରେ ଦେବା ପାଇଁ କହିଥିଲେ। ଏବଂ ଏହାର ସମାଧାନ ପାଇଁ କିଛି ସମୟ ମାଗିଥିଲେ ତାପରେ ବ୍ୟବସାୟୀ ମାନେ ଧାରଣାରୁ ଓହରି ଥିଲେ।

## ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ଅଭିଭାବକ ମାନଙ୍କ ନିମନ୍ତେ ଏକ ଦିବସୀୟ ତାଲିମ୍ ଶିବିର

ଆସିକା (ମହାଭାରତ): ସମଗ୍ର ଶିକ୍ଷା ଗଞ୍ଜାମ ତରଫରୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ର ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ପୂର୍ବତନ ବୋର୍ଡ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆସିକା ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କ ପିତାମାତା ମାନଙ୍କୁ ନେଇ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିର କୁ ପୂର୍ବତନ ବୋର୍ଡ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆସିକା ର ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜୁକ୍ତା ରାଣୀ ପଟ୍ଟନାୟକ ଉଦଘାଟନ



କରିଥିଲେ। ଉକ୍ତ ଶିବିରରେ ଆସିକା ଏନ୍ ଏ ସି, ହରିଡାପଦର, କାଳଶଣ୍ଡପୁର, ନଳବଣ୍ଟା କ୍ଲଷ୍ଟର ର ବିଭିନ୍ନ ବିଦ୍ୟାଳୟ ରେ ଅଧ୍ୟୟନ ରତ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୫୦ ଜଣ ରୁ ଅଧିକ ପିତାମାତା ମାନେ ଉପସ୍ଥିତ ରହିଥିଲେ । ଉକ୍ତ ଶିବିରରେ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୁନ ରାଣୀ ମହାନ୍ତି ଓ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ କିପରି ଉପକୃତ ହେବେ ଓ ଶୈକ୍ଷିକ ବିକାଶ କିପରି ହୋଇ ପାରିବ ସେ ଉପରେ ପିତା ମାତା ମାନଙ୍କୁ କହିଥିଲେ । ଉକ୍ତ ଶିବିର ରେ ସମ୍ବଳ ଶିକ୍ଷକ ଭାବରେ ହେମନ୍ତ କୁମାର ନନ୍ଦ, କେ ନୂଆ ପଲ୍ଲୀ କ୍ଲଷ୍ଟର୍ ର ସି ଆର୍ ସି ସି ଅର୍ଚ୍ଚନା ବେହେରା ଓ ଆସିକା ଏନ୍ ଏ ସି କ୍ଲଷ୍ଟର୍ ସି ଆର୍ ସି ସି ଶିଶିର କାନ୍ତ ବେହେରା ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କ ଘରେ ଓ ବିଦ୍ୟାଳୟ ରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ, ବିଦ୍ୟାଳୟ ପ୍ରତି ଆଗ୍ରହ ସୃଷ୍ଟି , ବିଭିନ୍ନ ସରକାରୀ ସୁବିଧା ସୁଯୋଗ, ସହାୟକ ସେବା ଯୋଗାଉଥିବା ବିଭିନ୍ନ ସଂସ୍ଥା, ୨୧ ପ୍ରକାର ଭିନ୍ନକ୍ଷମତା କୁ ଚିହ୍ନିବା ଆଦି ଆଲୋଚନା କରି ଅବଗତ କରାଇଥିଲେ । ଉକ୍ତ ଶିବିରରେ ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ମନ୍ଦାକିନୀ ରଥ, ସି ଆର୍ ସି ସି ସମୀର କାନ୍ତ ନାୟକ, ସରୋଜ କୁମାର ପ୍ରଧାନ, ଅନ୍ତର୍ନିର୍ବେଶି ଶିକ୍ଷା ସ୍ୱେଚ୍ଛାସେବୀ ଫକୀର ମୋହନ ପ୍ରଧାନ, ଶାନ୍ତିଲତା ପାତ୍ର, ନୃସିଂହ ଲେଙ୍କା ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଞ୍ଚାୟତ ସମିତି କଣିହାଁର ସପ୍ତମ ସାଧାରଣ ବୈଠକ



କଣିହାଁ (ମହାଭାରତ): ବୁଧବାର ଦିନ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ପଞ୍ଚାୟତ ସମିତି କଣିହାଁର ସପ୍ତମ ସାଧାରଣ ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ପବିତ୍ର ମୋହନ ସଭା ଗୃହ କଣିହାଁ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ସାଧାରଣ ବୈଠକ ରେ ଉପସ୍ଥିତ ଥିଲେ ମାନ୍ୟବର ସାଂସଦ ଢେଙ୍କାନାଳ ଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ମାନ୍ୟବର ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ, ମାନ୍ୟବର ବିଧାୟକ ପାଲଲହଡା ଅଶୋକ ମହାନ୍ତି ,ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ,ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦୁର୍ଗାପ୍ରସାଦ ନାଏକ, ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ,ସମସ୍ତ ପଞ୍ଚାୟତର ସରପ□ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେୟ ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ନିଜ ନିଜ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ, ବିଦ୍ୟୁତ ଇତ୍ୟାଦି ସମସ୍ୟା ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା।

# ପାକିସ୍ତାନୀ ନେତାଙ୍କ ଚକିତକାରୀ ବୟାନ ଆମେ ହିଁ କାଶ୍ମୀରରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଆକ୍ରମଣ କରିଛୁ



ଇସଲାମାବାଦ : ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ପୂର୍ବତନ ପ୍ରଧାନମନ୍ତ୍ରୀ ଅନ୍ୱରୁଲ୍ ହକ୍ ବିଧାନସଭାରେ ଖୋଲାଖୋଲି ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନଗୁଡ଼ିକ ଭାରତ ଉପରେ 'ଲାଲକିଲ୍ଲାରୁ କାଶ୍ମୀରର ଜଙ୍ଗଲ ପର୍ଯ୍ୟନ୍ତ' ଆକ୍ରମଣ କରିଛନ୍ତି ଏବଂ ଏହାକୁ ସେମାନେ ଜାରି ରଖିବେ। ଅବିଶ୍ୱାସ ପ୍ରସ୍ତାବ ଆଲୋଚନା ସମୟରେ ଦିଆଯାଇଥିବା ଏହି ବୟାନ ଭାରତ-ପାକିସ୍ତାନ ତିକ୍ତତାକୁ ଅଧିକ ଜଟିଳ କରିଛି। ସେ କହିଛନ୍ତି, 'ଯଦି ତୁମେ ବଲୁଚିସ୍ତାନକୁ ରକ୍ତରେ ଲାଲ କରିବ, ତେବେ ଆମେ ଲାଲକିଲ୍ଲାରୁ କାଶ୍ମୀର ଜଙ୍ଗଲ ପର୍ଯ୍ୟନ୍ତ ଆକ୍ରମଣ ଜାରି ରଖିବୁ। ଆଲ୍ଲାଙ୍କ ଦୟାରେ ଆମର ଜିହାଦୀମାନେ ଏଭଳି କରି ଦେଖାଇଛନ୍ତି, ଏବଂ ଏ ପର୍ଯ୍ୟନ୍ତ ଭାରତ ଶବ ଗଣନା କରିପାରିନାହିଁ।' ହକ୍ ?ଙ୍କ ଏଭଳି ଉତ୍ତେଜକ ବୟାନ ଓ ସ୍ୱୀକାରୋକ୍ତିକୁ ଭାରତ ଅନ୍ତର୍ଜାତୀୟ ମଞ୍ଚରେ ଏକ ବଳିଷ୍ଠ ପ୍ରମାଣ ଭାବେ ବ୍ୟବହାର କରିବ ବୋଲି ଜଣାପଡ଼ିଛି। ସୋମବାର ପିଓକେ ବିଧାନସଭାରେ ଅବିଶ୍ୱାସ ପ୍ରସ୍ତାବ ଆଲୋଚନା ସମୟରେ ହକ୍ ଭାରତ ବିରୋଧରେ ବଲୁଚିସ୍ତାନରେ ଅସ୍ଥିରତା ସୃଷ୍ଟି ଅଭିଯୋଗ ଆଣି ଏଭଳି ଧମକପୂର୍ଣ୍ଣ ଭାଷଣ ଦେଇଥିଲେ। ଚଳିତ ବର୍ଷ ଏପ୍ରିଲରେ ମଧ୍ୟ ସେ ସମାନ ଧମକ ଦେଇଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ପାକିସ୍ତାନୀ 'ଶାହିନ୍' (ଆତଙ୍କବାଦୀ)ଙ୍କ କାର୍ଯ୍ୟକୁ ପ୍ରଶଂସା ଭାରତ-ପାକ୍ ସଂପର୍କର ତିକ୍ତତାକୁ ଅତି ଭୟାନକ ସ୍ତରକୁ ନେବ ବୋଲି ଅନେକ ମତ ଦେଇଛନ୍ତି। ତେବେ ହକ୍‌ଙ୍କ ଏଭଳି ବୟାନ ତାଙ୍କ ରାଜନୈତିକ ପତନ ମଧ୍ୟରେ ଆସିଛି। ହକ୍‌ଙ୍କ ବୟାନରେ ଦିଲ୍ଲୀର ୧୦ ନଭେମ୍ବର କାର୍ ବୋମା ବିସ୍ଫୋରଣର ସ୍ପଷ୍ଟ ଉଲ୍ଲେଖ ରହିଛି, ଯେଉଁଥିରେ ଅତି କମ୍‌ରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏନ୍‌ଆଇଏ ଜୈସ ଆତଙ୍କୀ ଡା. ଉମର ଉନ୍ ନବିକୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଘୋଷଣା କରିଥିବା ବେଳେ ଫରିଦାବାଦରେ ଏହାର ମଡ୍ୟୁଲ୍ ଧ୍ୱଂସ କରିଛି। ହକ୍‌ଙ୍କ କାଶ୍ମୀର ଜଙ୍ଗଲର ଇଙ୍ଗିତ ୨୨ ଏପ୍ରିଲର ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦର୍ଶାଉଛି, ଯେଉଁଥିରେ ପାକିସ୍ତାନୀ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳିକରି ୨୬ ଜଣଙ୍କୁ ହତ୍ୟା କରିଥିଲେ। ଏହାର ପ୍ରତିଶୋଧରେ ଭାରତ 'ଅପରେସନ୍ ସିନ୍ଦୂର' ଚଳାଇ ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀ ଆଡ଼ା ଧ୍ୱଂସ କରିଥିଲା। ଏପ୍ରିଲ ୨୦୨୩ରୁ ପିଓକେର ୧୫ତମ ପ୍ରଧାନମନ୍ତ୍ରୀ ଥିବା ଅନ୍ୱରୁଲ୍ ହକ୍ ପାକିସ୍ତାନ ତହରିକ-ଏ-ଇନସାଫ (ପିଟିଆଇ)ର ପ୍ରତିଷ୍ଠାତା ସଦସ୍ୟ ଥିଲେ ଏବଂ ୨୦୨୩ରେ ଦଳରୁ ବହିଷ୍କୃତ ହୋଇଥିଲେ।


## ଲେବାନନ୍‌ରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ, ୧୩ ମୃତ



ତେଲ୍ ଅଭିଭ୍ : ଇସ୍ରାଏଲ ମଙ୍ଗଳବାର ବିଳମ୍ବିତ ରାତିରେ ପଡ଼ୋଶୀ ଲେବାନନରେ ଭୀଷଣ ବୋମାମାଡ଼ କରିଛି। ଦେଶର ଦକ୍ଷିଣ ଭାଗରେ ଏନ୍ ଏଲ୍ ହିଲ୍‌ୱେରେ ପ୍ରବଳ ଜନଗହଳିପୂର୍ଣ୍ଣ ପାଲେଷ୍ଟିନୀୟ ଶରଣାର୍ଥୀ ଶିବିର ଉପରେ ହୋଇଥିବା ଆକ୍ରମଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଆହୁରି ଅନେକ ଲୋକ ଆହତ ହୋଇଛନ୍ତି। ବର୍ଷକ ପୂର୍ବରୁ ହେଜବୋଲ୍ଲା ସହ ଯୁଦ୍ଧବିରତି ହେବାପରେ ଏହା ଲେବାନନ୍‌ରେ ଇସ୍ରାଏଲର ଭୟଙ୍କର ଆକ୍ରମଣ। ଦକ୍ଷିଣ ବନ୍ଦର ସହର ସିଦ୍‌ନି ନିକଟରେ ଥିବା ଏକ ହମାସ ତାଲିମ ଶିବିରକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲୀ ସେନା କହିଛି। ଏକ୍ସରେ ଏକ ପୋଷ୍ଟ୍ କରି ଆଇଡିଏଫ୍ କହିଛି, ଇସ୍ରାଏଲର ପ୍ରତିରକ୍ଷା ବାହିନୀ ଏବଂ ଇସ୍ରାଏଲ ବିରୋଧରେ ଆତଙ୍କବାଦୀ ଆକ୍ରମଣ ପରିଚାଳନା କରିବାପାଇଁ ଏହି ପରିସରକୁ ହମାସ ଆତଙ୍କବାଦୀମାନେ ତାଲିମ ପାଇଁ ବ୍ୟବହାର କରୁଥିଲେ। ତେଣୁ ଏହାକୁ ଟାର୍ଗେଟ୍ କରାଯାଇଛି ବୋଲି ଆଇଡିଏଫ୍ ଏକ ପୋଷ୍ଟ୍‌ରେ କହିଛି। ଲେବାନନ୍‌ରେ ଆଗକୁ ବି ଆକ୍ରମଣ ଜାରି ରହିବ ବୋଲି କୁହାଯାଇଛି।

## ଅନମୋଲକୁ ୧୧ ଦିନିଆ ଏନଆଇଏ ହେପାଜତକୁ ପଠାଇଲେ କୋର୍ଟ

ନୂଆଦିଲ୍ଲୀ: ଆମେରିକାରୁ ପ୍ରତ୍ୟାର୍ପଣ ପରେ ଗିରଫ ହୋଇଥିବା ଗ୍ୟାଙ୍ଗଷ୍ଟର ଅନମୋଲ ବିଷ୍ଣୋଇକୁ ଏନଆଇଏ ସନ୍ଧ୍ୟା ପ୍ରାୟ ୫ଟାରେ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ହାଜର କରିଥିଲା। ଏହା ପରେ କୋର୍ଟ ତାକୁ ୧୧ ଦିନ ପାଇଁ ଘଓଇ ହେପାଜତକୁ ପଠାଇ ଦେଇଛନ୍ତି। ଏଜେନ୍ସି ଅନମୋଲ ପାଇଁ ୧୫ ଦିନର ହେପାଜତ ମାଗିଥିଲା, କିନ୍ତୁ କୋର୍ଟ ୧୧ ଦିନର ଏନଆଇଏ ହେପାଜତ ମଞ୍ଜୁର କରିଛି। ଏନଆଇଏର ଅଭିଯୋଗ ଅନୁଯାୟୀ,



ଅନମୋଲ ଆତଙ୍କବାଦୀ ଏବଂ ଗ୍ୟାଙ୍ଗଷ୍ଟରମାନଙ୍କ ସହିତ ଜଡିତ ଏକ ବଡ଼ ଷଡ଼ଯନ୍ତ୍ରରେ ସାମିଲ ଥିଲା। ଏନଆଇଏ କୋର୍ଟକୁ କହିଛି ଯେ ଅନମୋଲ ବିଷ୍ଣୋଇ ଏକ ଅପରାଧିକ-ଆତଙ୍କବାଦୀ ସିଣ୍ଡିକେଟର ଅଂଶ ଥିଲା, ଯାହା ଭାରତ ଏବଂ ବିଦେଶରେ ଅବସ୍ଥିତ । ଏହା ଅପରାଧିକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ କରିଥିଲା ଏବଂ ଯୁବକମାନଙ୍କୁ ନିଯୁକ୍ତି ଦେଇଥିଲା। ସେ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ହତ୍ୟାର ଷଡ଼ଯନ୍ତ୍ର କରିଥିଲା। ଆକ୍ରମଣ କରିବା ପରେ, ସେ ସୋସିଆଲ ମିଡିଆରେ ସେଗୁଡ଼ିକୁ ପ୍ରଚାର କରି ଆତଙ୍କ ପ୍ରସାର କରିଥିଲା। ଘଓଇ ଦାବି କରିଛି ଯେ ଏହି ସମ୍ପୂର୍ଣ୍ଣ ନେଟୱାର୍କ ବବ୍ବର ଖାଲସା ଇଣ୍ଟରନ୍ୟାସନାଲ୍ (ଈକଓ) ଭଳି ଆତଙ୍କବାଦୀ ସଂଗଠନ ସହିତ ଜଡିତ ଏବଂ ସେମାନଙ୍କର ଲକ୍ଷ୍ୟ ହେଉଛି ଦେଶରେ ଅସ୍ଥିରତା ଏବଂ ଭୟ ପ୍ରସାର କରିବା। ଏଜେନ୍ସି କହିଛି ଯେ ଅନମୋଲ ୨୦୨୨ ମସିହାରୁ ପଳାତକ ଥିଲେ। କୋର୍ଟ ତାଙ୍କୁ ଜାନୁଆରୀ ୨୦୨୫ରେ ପଳାତକ ମଧ୍ୟ ଘୋଷଣା କରିଥିଲେ।

# ରାହୁଲଙ୍କ ଭୋଟ୍ ଚୋରି ଅଭିଯୋଗକୁ ସମାଲୋଚନା ସେନା, ନ୍ୟାୟପାଳିକା, ଇସିଙ୍କ ପ୍ରତିଷ୍ଠା ଉପରେ ଆକ୍ରମଣ



ନୂଆଦିଲ୍ଲୀ: ଅବସରପ୍ରାପ୍ତ ବିଚାରପତି, ଅଫିସର ଓ ସେନା ଅଧିକାରୀଙ୍କ ସମେତ ୨୭୨ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ଲେଖିଥିବା ଏକ ଖୋଲା ଚିଠିରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ବାରମ୍ବାର ଭୋଟ୍ ଚୋରି ଦାବି ପାଇଁ ତାଙ୍କୁ ସମାଲୋଚନା କରାଯାଇଛି। ରାହୁଲ ଗାନ୍ଧୀ ଓ କଂଗ୍ରେସକୁ ସମ୍ବୋଧିତ କରି ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ, କିଛି ରାଜନୈତିକ ନେତା ପ୍ରକୃତ ନୀତିଗତ ବିକଳ୍ପ ପ୍ରଦାନ କରିବା ପରିବର୍ତ୍ତେ ଉତ୍ତେଜନାମୂଳକ ଓ ଭିତ୍ତିହୀନ ଅଭିଯୋଗ କରୁଛନ୍ତି। ଚିଠିରେ କୁହାଯାଇଛି ଯେ, ଭାରତୀୟ ସଶସ୍ତ୍ର ବାହିନୀର ବୀରତ୍ୱ ଓ ସଫଳତା ଉପରେ, ନ୍ୟାୟପାଳିକାର ନିରପେକ୍ଷତା ଉପରେ ଏବଂ ସଂସଦ ଓ ଏହାର ସାମ୍ବିଧାନିକ କାର୍ଯ୍ୟକର୍ତ୍ତାଙ୍କ ଉପରେ ପ୍ରଶ୍ନ ଉଠାଇ ସେମାନଙ୍କୁ କଳଙ୍କିତ କରିବାକୁ ଚେଷ୍ଟା କରାଯାଉଛି। ବର୍ତ୍ତମାନ ନିର୍ବାଚନ ଆୟୋଗଙ୍କ ଅଖଣ୍ଡତା ଓ ପ୍ରତିଷ୍ଠା ଉପରେ ସେମାନେ ବ୍ୟବସ୍ଥିତ ଓ ଷଡଯନ୍ତ୍ରକାରୀ ଆକ୍ରମଣ କରୁଛନ୍ତି। ଚିଠିରେ ଅବସରପ୍ରାପ୍ତ ବିଚାରପତି ଶୁଭ୍ର କମଲ ମୁଖାର୍ଜୀ, ଜଷ୍ଟିସ ରାଜୀବ ଲୋଚନ ଓ ବିବେକ ଶର୍ମା ମଧ୍ୟ ସ୍ୱାକ୍ଷର କରିଛନ୍ତି। ର'ର ପୂର୍ବତନ ମୁଖ୍ୟ ସଞ୍ଜୀବ ତ୍ରିପାଠୀ, ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରବୀଣ ଦୀକ୍ଷିତ, ପୂର୍ବତନ ଆଇଏଏସ୍ ଅଧିକାରୀ ନବୀନ କୁମାର, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ (ଡ) ବେଦ ଚତୁର୍ବେଦୀ, ଭାଇସ ଆଡମିରାଲ ଅଭୟ କରଭେ ଓ ମେଜର ଜେନେରାଲ ଆର୍‌ପିଏସ୍ ଭଦୌରିଆ ମଧ୍ୟ ଏଥିରେ ସ୍ୱାକ୍ଷର କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଭୋଟ୍ ଚୋରି ଦାବିକୁ ମନେ ପକାଇ ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି ଯେ, ଏସବୁ ଭିତ୍ତିହୀନ ଅଭିଯୋଗ ପାଇଁ ତାଙ୍କ ବିରୋଧରେ କେ ?ଣସି ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇ ନାହିଁ। ଲୋକସଭା ବିରୋଧୀ ଦଳ ନେତା ବାରମ୍ବାର ନିର୍ବାଚନ କମିସନଙ୍କୁ ସମାଲୋଚନା କରି କହିଛନ୍ତି ଯେ ନିର୍ବାଚନ ଆୟୋଗ ଭୋଟ୍ ଚୋରିରେ ସମ୍ପୃକ୍ତ ଥିବା ନେଇ ତାଙ୍କ ପାଖରେ ୧୦୦ ପ୍ରତିଶତ ପ୍ରମାଣ ଅଛି। ସିଇସି/ଇସି ଅବସର ନେବା ପରେ ବି ସେମାନଙ୍କୁ ହଇରାଣ କରାଯିବ ବୋଲି ମଧ୍ୟ ଧମକ ଦେଇଛନ୍ତି। ନିର୍ବାଚନ କମିସନଙ୍କୁ ବିଜେପିର ବି-ଟିମ୍ ବୋଲି କହିବା ସହ ଏସ୍‌ଆଇଆର୍ ଉପରେ କଂଗ୍ରେସର ସମାଲୋଚନାକୁ ଚିଠିରେ କଡ଼ା ନିନ୍ଦା କରାଯାଇଛି। ଚିଠିରେ କୁହାଯାଇଛି ଯେ, ନିର୍ବାଚନ ଆୟୋଗ ସର୍ବସାଧାରଣରେ ଏହାର ଏସ୍ ?ଆଇଆ ? ପଦ୍ଧତି ବାଣ୍ଟିଛନ୍ତି, କୋର୍ଟଙ୍କ ଅନୁମୋଦିତ ଉପାୟରେ ଯାଞ୍ଚର ତଦାରଖ କରିଛନ୍ତି, ଅଯୋଗ୍ୟ ନାମକୁ ହଟାଇଛନ୍ତି ଏବଂ ନୂତନ ଯୋଗ୍ୟ ଭୋଟରଙ୍କୁ ଯୋଡିଛନ୍ତି। କେତେକ ରାଜ୍ୟରେ ନିର୍ବାଚନ ଫଳାଫଳ ଅନୁକୂଳ ହେଲେ ନିର୍ବାଚନ ଆୟୋଗଙ୍କ ପ୍ରତି ସମାଲୋଚନା ଅଦୃଶ୍ୟ ହୋଇଯାଏ, କିନ୍ତୁ ଯେତେବେଳେ ଫଳାଫଳ ବିରୋଧୀ ଦଳ ସପକ୍ଷରେ ନ ଯାଏ ସେତେବେଳେ ଏହାକୁ ଖଳନାୟକ ଭାବରେ ଚିତ୍ରିତ କରାଯାଏ। ଏହି ଚୟନାତ୍ମକ ଆକ୍ରୋଶ ସୁବିଧାବାଦକୁ ପ୍ରକାଶ କରେ, ବିଶ୍ୱାସକୁ ନୁହେଁ ବୋଲି ଚିଠିରେ କୁହାଯାଇଛି।

## ଜାପାନରେ ଭୟଙ୍କର ଅଗ୍ନିକାଣ୍ଡ

ଜାପାନ : ଦକ୍ଷିଣ-ପଶ୍ଚିମ ଜାପାନର ଓଇଟା ପ୍ରିଫେକ୍ଚରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏଥିରେ ୧୭୦ରୁ ଅଧିକ କୋଠା ନଷ୍ଟ ହୋଇଥିବା ସୂଚନା ମିଳିଛି । ଗତକାଲି ସନ୍ଧ୍ୟା ପ୍ରାୟ ୫.୪୫ ସୁଦ୍ଧା ଏପରି ଘଟଣା ଦେଖିବାକୁ ମିଳିଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାରେ ସଫଳ ହୋଇଛନ୍ତି । ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ନିଖୋଜ ଥିବା ଜଣାପଡିଛି । ସୂଚନାନୁଯାୟୀ, ମଙ୍ଗଳବାର ଦକ୍ଷିଣ-ପଶ୍ଚିମ ଜାପାନର ଓଇଟା ପ୍ରିଫେକ୍ଚରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ପ୍ରବଳ ପବନ ଯୋଗୁଁ ନିଆଁ ତୀବ୍ର ଭାବେ ବ୍ୟାପିଯାଇଥିଲା । ଯାହାଫଳରେ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇପଡିଥିଲା । ନିଆଁ ବ୍ୟାପିବାରୁ ୧୭୦ରୁ ଅଧିକ କୋଠା ଏଥିରେ ନଷ୍ଟ ହୋଇଯାଇଛି । ଏହାରି ମଧ୍ୟରେ ଜଣେ ସ୍ଥାନୀୟ ଲୋକ ଜରୁରୀକାଳୀନ ପରିସ୍ଥିତି ପାଇଁ ଡାକ ଦେଇଥିଲେ । ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନ୍ତର କରିଥିଲେ । ଏଥିରେ ଜଣେ ୭୦ ବର୍ଷୀୟ ବୃଦ୍ଧ ନିଖୋଜ ରହିଛନ୍ତି । କିନ୍ତୁ ଏବେ ପର୍ଯ୍ୟନ୍ତ ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ । ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।

## ପୁଅକୁ ସୁଧାରିବା ପାଇଁ ରାଗିଲା ବାପା, ଗୁଳି କରି ହତ୍ୟା କଲା ପୁଅ

ନୂଆଦିଲ୍ଲୀ: ମିଛ କହି ବାପାକୁ ଡାକି ହତ୍ୟା କଲା ପୁଅ। ୟୁପିର ହାପୁରରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଗଡ଼ କୋତୱାଲି ଅଞ୍ଚଳର ମାନକଚୌକ ଗାଁରେ ଚାଷୀ ତସବୀର ସିଂହଙ୍କୁ ତାଙ୍କ ନିଜ ନାବାଳକ ପୁଅ ଦୁଇ ବନ୍ଧୁଙ୍କ ସହ ମିଶି ହତ୍ୟା କରିଥିବା ଜଣାଯାଇଛି। ପ୍ରତି କଥାରେ ଗାଳି କରୁଥିବାରୁ ବିରକ୍ତ ହୋଇଯାଇଥିଲା ପୁଅ। ଏହି କାରଣରୁ ସେ ନିଜ ବାପାକୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିବା ଜଣାଯାଇଛି। ପୁଲିସ ଏବେ ୨ସାଙ୍ଗଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପୁଅ ଫେରାର ହୋଇଯାଇଛି। ସୂଚନା ମୁତାବକ, ଗଡ଼ କୋତୱାଲି ଅଞ୍ଚଳର ମାନକଚୌକ୍ ଗାଁର ବାସିନ୍ଦା ତସବୀର ସିଂହ ଜଣେ ସମୃଦ୍ଧ ଚାଷୀ ଥିଲେ। ୨୦ ସେପ୍ଟେମ୍ବର, ୨୦୨୫ ରେ ଅଜଣା ଲୋକମାନେ ତାଙ୍କୁ ଫୋନ୍ କରି ତାଙ୍କ ଫାର୍ମକୁ ଡାକିଥିଲେ। ତସବୀର ଫାର୍ମକୁ ଯିବା ପ ?ରେ ସେଠାରେ ଅଜଣା ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହି ଘଟଣାରେ ଗୁରୁତର ଆହତ ତସବୀର ସିଂହଙ୍କୁ ମିରଟର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କର ଚିକିତ୍ସା ସମୟରେ ମୃତ୍ୟୁ ହୋଇଥିଲା। ତସବୀରଙ୍କ ମୃତ୍ୟୁ ପରେ ତାଙ୍କୁ କିଏ ଗୁଳି କଲା, ତାହା ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଅନେକ ଦିନ ବିତିବା ପରେ ବି ହତ୍ୟାକାରୀଙ୍କ ପାଖରେ ପହଞ୍ଚିପାରିନଥିଲା ପୁଲିସ। ଶେଷରେ ତସବୀରଙ୍କ ଫୋନକୁ କଲ୍ ଆସିଥିବା ନମ୍ବରକୁ ଟ୍ରେସ୍ କରିବା ପରେ ଅଭିଯୁକ୍ତ କିଏ, ତାହା ଜାଣିପାରିଥିଲା ପୁଲିସ। ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତର ୨ସାଙ୍ଗ ଗିରଫ ହୋଇଥିବା ବେ ?ଳେ ପୂରା ଘଟଣା ବିଷୟରେ ଜଣାଇଛି ପୁଲିସ। ଦୁଷ୍ଟ ପିଲାଙ୍କ ସହ ମିଶୁଥିବାରୁ ତସବୀର ତା ?ଙ୍କ ପୁଅକୁ ତାଗିଦ୍ କରୁଥିଲେ। କଥା ଶୁଣୁନଥିବାରୁ ସେପ୍ଟେମ୍ବର ୧୯ରେ ତସବୀର ନିଜ ପୁଅକୁ ମାଡ଼ ମାରିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତ ମଧ୍ୟ ନିଜ ବାପାଙ୍କୁ ମାଡ଼ ମାରିଥିଲା। ହେଲେ ଏହା ପରେ ବି ରାଗ ଶାନ୍ତ ନହେବାରୁ ସେ ନିଜର ୨ବନ୍ଧୁଙ୍କ ସହ ମିଶି ତସବୀରଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲା। ଗିରଫ ୨ ଅଭିଯୁକ୍ତ କହିଛନ୍ତି ଯେ, ସେପ୍ଟେମ୍ବର ୨୦ତାରିଖ ଅପରାହ୍ନରେ, ସାଙ୍ଗ(ତସବୀର ସିଂହଙ୍କ ପୁଅ) କହିବାରୁ ଆମେ ମିଛ କହି ତସବୀର ମଉସାଙ୍କୁ ଫାର୍ମକୁ ଡାକିଥିଲୁ। ଫୋନ୍ କରି ଆମେ କହିଥିଲୁ, 'ମଉସା, ତୁମ ପୁଅ ଆତ୍ମହତ୍ୟା କରିବାକୁ ଯାଉଛି। ଶୀଘ୍ର ଫାର୍ମକୁ ଆସନ୍ତୁ।' ଏହା ଶୁଣି ମଉସା ଫାର୍ମରେ ପହଞ୍ଚି ତାଙ୍କ ପୁଅକୁ ବୁଝାଇବାକୁ ଚେଷ୍ଟା କଲେ। ଏହି ଆମେ ତସବୀର ସିଂହଙ୍କୁ ଗୁଳି କରି ସେଠାରୁ ଫେରାର ହୋଇଯାଇଥିଲୁ।'

## ନୀତିଶ କୁମାର ହେଲେ ଜେଡିୟୁ ବିଧାୟକ ଦଳ ନେତା

ବିହାର : ନୀତିଶ କୁମାର ହେଲେ



ଜେଡିୟୁ ବିଧାୟକ ଦଳ ନେତା । ଜେଡିୟୁ ବିଧାୟକ ଦଳ ବୈଠକରେ ନେତା ନିର୍ବାଚିତ ହୋଇଛନ୍ତି ନୀତିଶ କୁମାର । ଆସନ୍ତାକାଲି ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପୂର୍ବରୁ ଆଜି ଜେଡିୟୁ ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି । ସେହିପରି ଅପରାହ୍ଣରେ ଏନଡିଏ ବିଧାୟକ ଦଳ ବୈଠକରେ ନୀତିଶଙ୍କୁ ବିଧିବଦ୍ଧ ଭାବେ ନେତା ନିର୍ବାଚିତ କରାଯିବ । ଏପଟେ ବିଜେପି ବିଧାୟକ ଦଳ ନେତା ହୋଇଛନ୍ତି ସମ୍ରାଟ ଚୌଧୁରୀ । ତାଙ୍କୁ ବିଜେପି ବିଧାୟକ ଦଳ ବୈଠକରେ ନେତା ନିର୍ବାଚିତ କରାଯାଇଛି । ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ବିହାର ଉପମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବେ ବୋଲି ସୂଚନା ମିଳିଛି ।

## ଇଡି ରିମାଣ୍ଡରେ ଅଲ୍ ଫଲାହ ପ୍ରତିଷ୍ଠାତା

ନୂଆଦିଲ୍ଲୀ : ୧୩ ଦିନିଆ ଇଡି ରିମାଣ୍ଡରେ ଅଲ୍ ଫଲାହ ପ୍ରତିଷ୍ଠାତା ଜାଭେଦ୍ ଅହମ୍ମଦ ସିଦ୍ଦିକି । ଡିସେମ୍ବର ୧ ତାରିଖ ଯାଏଁ ଇଡି ରିମାଣ୍ଡରେ ରହିବେ ସିଦ୍ଦିକି । ମନି ଲଣ୍ଡ୍ରିଂ ମାମଲାରେ ସିଦ୍ଦିକିଙ୍କୁ ଗତକାଲି ଗିରଫ କରିଥିଲା ଇଡି । ଦିଲ୍ଲୀ ବିସ୍ଫୋରଣ ପରେ ସ୍କାନରରେ ରହିଛି ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି । ଦିଲ୍ଲୀ ବିସ୍ଫୋରଣ ମାମଲାରେ ତଦନ୍ତ ପ୍ରକ୍ରିୟା ଅଧୀନରେ ଗତକାଲି ଇଡି ଅଲ୍ ଫଲାହ ଗ୍ରୁପ୍ ସହ ଜଡ଼ିତ ବିଭିନ୍ନ ଠିକଣାରେ ଚଢ଼ଉ କରିଥିଲା । ଅଲ୍ ଫଲାହ ପ୍ରତିଷ୍ଠାତା ତଥା ମାଲିକ ସିଦ୍ଦିକିଙ୍କ ବାସଭବନରେ ଚଢ଼ଉ ପରେ ଇଡି ଅଧିକାରୀମାନେ ତାଙ୍କୁ ଜେରା କରିଥିଲେ । ଏହାପରେ ଇଡି ତାଙ୍କୁ ପିଏମ୍ ଏଲ୍ ଏ ଅଧୀନରେ ଗିରଫ କରିଥିଲା । ସିଦ୍ଦିକିଙ୍କ ସହ ଜଡ଼ିତ ଏକାଧିକ କମ୍ପାନିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିଛି । ଅଲ୍ ଫଲାହ ଗ୍ରୁପ୍ ର ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟ ଏବଂ ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ଠିକଣାରେ ଚଢ଼ଉ ଜାରି ରହିଛି ।

# ଆତଙ୍କବାଦୀର ଭଙ୍ଗା ଫୋନରୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ଘଟଣାରେ ସାମିଲ ଥିବା ଆତଙ୍କବାଦୀ ଉମର ଉନ-ନବିକୁ ନେଇ ତଦନ୍ତ କରୁଥିବା ଅଧିକାରୀମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ପାଇଛନ୍ତି।

ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଜଡ଼ିତ ଥିବା ଦିଲ୍ଲୀ ପୁଲିସର ଜଣେ ଅଧିକାରୀ କହିଛନ୍ତି, 'ସେପ୍ଟେମ୍ବର-ଅକ୍ଟୋବରରେ ଯାତ୍ରା ସମୟରେ ଉମର ତାର ଭାଇ ଜହୁର ଏଲାହିକୁ ଏକ ମୋବାଇଲ୍ ଫୋନ୍ ଦେଇଥିଲା। ଆଉ କହିଥିଲା, '' ଯଦି କେବେ ମୋ ବିଷୟରେ କେଉଁଣସି ଖବର ଶୁଣିବାକୁ ପାଉ ତେବେ ଏ ଫୋନକୁ ତୁରନ୍ତ ନଷ୍ଟ କରିଦେବୁ।'' କାର



ବିସ୍ଫୋରଣ ଘଟଣାର ଯାଞ୍ଚ ସମୟରେ ଜହୁର ଏଲାହିକୁ ହେପାଜତକୁ ନେବା ସମୟରେ ସେ ଅଧିକାରୀମାନଙ୍କ ସମ୍ମୁଖରେ ଉମର ଦେଇ ମୋବାଇଲ୍ ଫୋନ୍ ବିଷୟରେ ସୂଚନା ଦେଇଥିଲା। ଏହାପରେ ଫରେନସିକ୍ ବିଶେଷଜ୍ଞମାନେ ଜମ୍ମୁ ଏବଂ କାଶ୍ମୀରର ପୁଲଓ୍ୱାମାର କୋଏଲ୍ ଅଞ୍ଚଳରେ ଥିବା ଉମରର ଘର ପାଖ ଏକ ଜଳଭଣ୍ଡାରରୁ ଉକ୍ତ ଫୋନକୁ ଉଦ୍ଧାର କରିଥିଲେ। ନଷ୍ଟ ହୋଇଯାଇଥିବା ଫୋନକୁ ଅଧିକାରୀମାନେ ଜବତ କରି ସେଥିରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବାହାର କରିବାରେ ସକ୍ଷମ ହୋଇଥିଲେ। ଯାହାକି ଆଗାମୀ ଯାଞ୍ଚରେ ଖୁବ ସାହାଯ୍ୟ କରିବ ବୋଲି ଆଶା ରଖାଯାଇଛି। ଅଧିକାରୀମାନେ କ୍ଷତିଗ୍ରସ୍ତ ମୋବାଇଲ ଫୋନରୁ ଏକ ଭିଡିଓ ପାଇଛନ୍ତି। ଏହି ଭିଡିଓ ୧ ମିନିଟ୍ ୨୦ ସେକେଣ୍ଡ ଥିବା ଜଣାପଡ଼ିଛି। ଏହା ଚଳିତ ବର୍ଷ ଏପ୍ରିଲରେ ରେକର୍ଡ ହୋଇଥିବା ସୂଚନା ମିଳିଛି। କ୍ଲିପରେ ଆତଙ୍କବାଦୀ ଉମର ଉନ ନବି ଏକ କୋଠରିରେ ଏକା ବସି ଆତ୍ମଘାତୀ ଆକ୍ରମଣର ବିବରଣୀ ଇଂରାଜୀରେ ବିସ୍ତୃତ ଭାବରେ ବର୍ଣ୍ଣନା କରୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି।

